ସଜ୍ଜନପୁରର ଇହାଇବେହେଗ ନାମକ ଏକ ବ୍ୟକ୍ତି ଏଠା ଫଉଜଦାରୀ ଅଦାଲତରେ ନାଲିଶ କରିଥିଲା ଯେ ତାହାର ଗାଈ ପଡ଼ିଆରେ ଚରୁଥିଲା । ନବାବ ଖାନ ମୁହାଲୀ ସେ ଗାଈକୁ ଅନ୍ୟାୟରେ ଧରିନେଇ ଲୁରଙ୍ଗପୁର କାଞ୍ଜିହାଉସରେ ପଠାଇଦେଲା । ରାୟ ଯଜ୍ଞେଶ୍ୱର ଚନ୍ଦ୍ର ବାହାଦୁର ଅଃ ମାଜିଷ୍ଟ୍ରେଟଙ୍କୁ ଏ ମୋକଦ୍ଦମା ସୁପର୍ଦ୍ଦ ହେବାରୁ ସେ ପ୍ରମାଣାନ୍ତ ନେଇ ମୁହାଲୀକୁ ଦୋଷୀ ସାବ୍ୟସ୍ତ ପୂର୍ବକ ସନ ୧୮୭୧ ସାଲର ଅ ୧ ଆଇନର ଧା ୨୨ ସ ମତେ ତାହା ପ୍ରତି ୨୬॥ ଟଙ୍କା କ୍ଷତି ପୂରଣ ଦେବାର ଆଦେଶ ପ୍ରଦାନ କଲେ । ସେହି ଟଙ୍କା ମୁଦେଇ କ୍ଷତି ପୂରଣ ସ୍ୱରୂପ ପାଇବ ଏବଂ ମୁହାଲୀ ସେ ଟଙ୍କା ଦାଖଲ ନ କଲେ ମୁଦେଇର ପ୍ରାର୍ଥନାମତେ ମାଜିଷ୍ଟ୍ରେଟ ସାହେବ ତାହା ଆଦାୟ ନିମନ୍ତେ ୱାରେଣ୍ଟ ବାହାର କରିବେ ଏବଂ ଯେପରି ଫଉଜଦାରୀ ଜରିମାନା ଆଦାୟ ହୁଅଇ ସେହିପରି ଆଦାୟ ହେବ । କାଞ୍ଜିହାଉସର ଆଇନର ଉକ୍ତ ଧାରାରେ କେଅଠନ ମତେ ପଶୁ ଧରିନେବା ବା ଅଟକ ରଖିବା ଅପରାଧ ନିମନ୍ତେ ଆସାମିକୁ କଏଦଦଣ୍ଡ ଦେବାର ବିଧାନ ନାହିଁ । ମାତ୍ର କ୍ଷତି ପୂରଣର ଯେଉଁ ବିଧାନ ହୋଇଅଛି ବିଚାରକର୍ତ୍ତା ମାଜିଷ୍ଟ୍ରେଟ ପ୍ରତ୍ୟେକ ମୋକଦ୍ଦମାରେ ମୁଦେଇର କଷ୍ଟ ଓ ଆସାମିର ଦୌରାତ୍ମ୍ୟ ସମୁଚିତରୂପେ ବିବେଚନା କରି ଉପଯୁକ୍ତ କ୍ଷତି ପୂରଣ ଦଣ୍ଡ ଦେଲେ କ୍ଷତିଗ୍ରସ୍ତ ବ୍ୟକ୍ତିମାନେ ସମୟ ଓ କଷ୍ଟ ବ୍ୟୟରେ ନାଲିଶ କରିବାରୁ ବିରତ ହେବେ ନାହିଁ ଏବଂ ଯେଉଁ ଶ୍ରେଷ୍ଠଲୋକମାନେ ଅକାରଣ ଗୋମେଷାଦି ଧରିନେଇ କାଞ୍ଜିହାଉସରେ ପଠାଇଦେଇ ସ୍ୱଜନରେ ଦୁଇପଇସା ରୋଜଗାର କରିବାର ଉପାୟ କରିଅଛନ୍ତି ସେମାନେ ଉଚିତ ଶିକ୍ଷା ପାଇବେ । ଅମ୍ଭେମାନେ ଅନୁମାନ କରୁଁ କି କାଞ୍ଜିହାଉସ ଆଇନର ଏହି ବିଧାନ ଅନେକଙ୍କ ଜଣା ନ ଥିବାରୁ ଏପ୍ରକାର ନାଲିଶ ଅଧିକ ହୁଅଇ ନାହିଁ । ଅଥବା ଏମନ୍ତ ହୋଇପାରେ ଯେ ଯେଉଁମାନେ କାଞ୍ଜିହାଉସ ଇଜାରଦାରଠାରୁ କିଛି ପଇସା ପାଇ ଗୋରୁ ଧରି କାଞ୍ଜିହାଉସରେ ପଠାନ୍ତି ସେମାନେ ଗରିବଲୋକ, ସେମାନେ ଦୋଷୀ ସାବ୍ୟସ୍ତ ହେଲେ କଏଦ ହେବେ ନାହିଁ ଏବଂ ସେମାନଙ୍କର କିଛି ସମ୍ପତ୍ତି ନାହିଁ ଯେ ତହିଁରୁ ଖେସାରତ ଆଦାୟ ହେବ । ସୁତରାଂ ମୁଦେଇ ଉତ୍ପୀଡ଼ିତ ହୋଇ ମୋକଦ୍ଦମା କରି ପ୍ରକୃତରେ କିଛି ଖେସାରତ ପାଇବ ନାହିଁ ଏବଂ ଆସାମିର ଭୟ ହେବ ନାହିଁ । ଯେବେ କାଞ୍ଜିହାଉସ ଇଜାରଦାରଙ୍କୁ ହେସାବ ଦେଖ ପଠାନ୍ତା ତେବେ ଅତ୍ୟାଚାର ପ୍ରକୃତରୂପେ ନିବାରିତ ହୁଅନ୍ତା । ଚାକର ବା ଗୁମାସ୍ତା ମୁନିବର ସ୍ୱାର୍ଥ ନିମିତ୍ତ ଅପରାଧ କରିବାସ୍ଥଳେ ଅନ୍ତତଃ ସହାୟତା କରିବା ଦୋଷରେ ମୁନିବଙ୍କୁ ମୁହାଲୀ କଲେ ସମ୍ଭବତଃ କିଛି ଫଳ ହୋଇପାରେ ।

---

### ଏ ନଗରର ମିଶନ ହାଇସ୍କୁଲ ।

ଗତ ଶନିବାର ସକାଳ ଘ ୮ ଟା ସମୟରେ ଏହି ସ୍କୁଲର ଛାତ୍ରମାନଙ୍କୁ ବାର୍ଷିକ ପୁରସ୍କାର ବିତରଣ ଉପଲକ୍ଷରେ ସ୍କୁଲ ଗୃହରେ ଗୋଟିଏ ସଭା ହୋଇଥିଲା । ଅନେକ ୟୁରୋପୀୟ ମହିଳା ଓ ଭଦ୍ରଲୋକ ଏବଂ ଦେଶୀୟ ରାଜା ଓ ଭଦ୍ରଲୋକମାନେ ସମୁପସ୍ଥିତ ହୋଇ ଯଥୋଚିତ ଉତ୍ସାହ ପ୍ରଦାନ କରିଥିଲେ । ଅମ୍ଭମାନଙ୍କର ଶ୍ରଦ୍ଧାସ୍ପଦ କମିଶନର ଶ୍ରୀଯୁକ୍ତ ଗୁପ୍ତସାହେବ ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ତାହାଙ୍କର ସହଧର୍ମିଣୀ ଶ୍ରୀମତୀ ଗୁପ୍ତ ମହୋଦୟା ସ୍ୱହସ୍ତରେ ଯୋଗ୍ୟ ଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିବାର ଶ୍ରମ ସ୍ୱୀକାର କରିବାହେତୁ ସମସ୍ତଙ୍କର କୃତଜ୍ଞତା ଭାଜନ ହୋଇଥିଲେ । ସଭାପତିଙ୍କର ଇଂରାଜୀ ବକ୍ତୃତା ନିମ୍ନେ ପ୍ରକାଶିତ ହେଲା । ତହିଁର ସଂକ୍ଷେପ ମର୍ମ ଏହି କି ଏ ନଗରର ବିଦ୍ୟାଳୟ ସମୂହ ମଧ୍ୟରେ ଏ ବିଦ୍ୟାଳୟ ଗୋଟିଏ ଉଚ୍ଚସ୍ଥାନ ଅଧିକାର କରିଅଛି ଏବଂ ବର୍ତ୍ତମାନ ବର୍ଷରେ ଏହାର ଅଧିକ ଉନ୍ନତି ହୋଇ ନ ଥିଲେହେଁ ସ୍ୱସ୍ଥାନ ରକ୍ଷା କରିବାରେ ତ୍ରୁଟି ହୋଇ ନାହିଁ । ଖ୍ରୀଷ୍ଟିୟାନଙ୍କ ସକାଶେ ଏହା ସ୍ଥାପିତ ହୋଇଥିଲେ ଛାତ୍ରସଂଖ୍ୟା ମଧ୍ୟରୁ ଦୁଇ ତୃତୀୟାଂଶରୁ ଅଧିକ ଛାତ୍ର ଭିନ୍ନ ଧର୍ମାବଲମ୍ବୀ ଥିବାଦ୍ୱାରା ବିଲକ୍ଷଣ ପ୍ରମାଣ ହେଉଅଛି ଯେ ଏ ବିଦ୍ୟାଳୟ ସକଳ ଶ୍ରେଣୀ ଲୋକଙ୍କର ସନ୍ତୋଷଜନକ ହୋଇଅଛି । ସକଳସ୍ଥାନରେ ସାମ୍ପ୍ରଦାୟିକ-ବିଦ୍ୟାଳୟର ସଂଖ୍ୟା ଅଧିକ ଦେଖିଲେ ଅମ୍ଭେ ଆନନ୍ଦିତ ହେବୁଁ କାରଣ ଧର୍ମଶିକ୍ଷା ଶିକ୍ଷାର ଗୋଟିଏ ପ୍ରଧାନ ଅଙ୍ଗ ହେବା ଏକାନ୍ତ ବାଞ୍ଛନୀୟ । ଏ ବିଦ୍ୟାଳୟ ଶ୍ରୀଯୁକ୍ତ ୟଙ୍ଗସାହେବ ଯେପରି ସୁଯୋଗ୍ୟ ବହୁଦର୍ଶୀ ଶିକ୍ଷାପଟୁ ବ୍ୟକ୍ତିଙ୍କ କର୍ତ୍ତୃତ୍ୱରେ ଉପଯୁକ୍ତ ଶିକ୍ଷକବର୍ଗଙ୍କଦ୍ୱାରା ପରିଚାଳିତ ହେଉଥିବାରୁ ଏଥିର କାର୍ଯ୍ୟ ସୁଚାରୁରୂପେ ନିର୍ବାହ ହେଉଅଛି ଏ କଥା ବୋଲିବା ବାହୁଲ୍ୟ ଅଟେ । ପରିଶେଷରେ ଚରିତ୍ର ବିଷୟରେ ଛାତ୍ରମାନଙ୍କୁ ଯେଉଁ ଉପଦେଶ ଦେଇଥିଲେ ତାହା ଅତ୍ୟନ୍ତ ମନୋହର ଏବଂ ଶିକ୍ଷାପ୍ରଦ ହୋଇଥିଲା । ବୁଦ୍ଧିଠାରୁ ଚରିତ୍ର ମୂଲ୍ୟବାନ୍ ଏହି ପ୍ରବାଦର ଉଦ୍ଦେଶ୍ୟ କଣ ସେ କହିଲେ କି ବୁଦ୍ଧିମାନ୍ ଧୂମକେତୁପରି ଉଦିତ ହୋଇ ଅଦ୍ଭୁତ ଦୃଶ୍ୟରେ ଜଗତବାସୀଙ୍କୁ ବିସ୍ମୟାପନ୍ନ କରି ଅଳ୍ପକାଳରେ ଅଦୃଶ୍ୟ ହୁଅଇ ମାତ୍ର ଚରିତ୍ରବାନ୍ ବ୍ୟକ୍ତି ଗୋଟିଏ ବଡ଼ ଅଚଳ ନକ୍ଷତ୍ର ପରି ଚିରକାଳ ଉଜ୍ଜ୍ୱଳ ରହିଥାଏ । ସିକନ୍ଦର ହାନିବାଲ, ତାଇମୁରଲଙ୍ଗ, ନେପୋଲିୟନ ପ୍ରଭୃତି ବୁଦ୍ଧି ଓ ବାହୁଦର୍ପରେ କେତେକାଳ ଦେଶ ଦେଶାନ୍ତରେ ଅମଙ୍ଗଳ କରି ଗଲେ ମାତ୍ର ଅଶୋକ ଓ ଅକବର ଏବଂ ବର୍ତ୍ତମାନ କାଳରେ ସ୍ୱର୍ଗୀୟା ଭିକ୍ଟୋରିୟା ରାଜରାଜେଶ୍ୱରୀ ଅନେକ ଜୟଲାଭ କରି ବଳର ଯଥେଷ୍ଟ ପରିଚୟ ଦେଇଥିଲେହେଁ ଦେଶର ନାନା ମଙ୍ଗଳ ସାଧନ ନିମନ୍ତେ ଚିରସ୍ମରଣୀୟା ହୋଇଅଛନ୍ତି । ଅତଏବ ଚରିତ୍ର ଗଠନ କରିବାରେ ଛାତ୍ରମାନଙ୍କର ଏକାନ୍ତ ମନୋଯୋଗୀ ହେବା ଉଚିତ ; ଚରିତ୍ର ଭଲ ନ ହେଲେ ବିଦ୍ୟାଳୟର ଫଳ କିଛି ହେବ ନାହିଁ ବରଂ ଚରିତ୍ର ଦୋଷରୁ ମନ୍ଦକାର୍ଯ୍ୟରେ ପ୍ରବୃତ୍ତ ହେଲେ ଶିକ୍ଷାପ୍ରାପ୍ତ କଳଙ୍କ ହେବ ।

### PRESIDENT'S ADDRESS.

Ladies and Gentlemen,

I am much obliged to the authorities of the school for inviting me to the chair and can assure them that it has given both Mrs. Gupta and myself sincere pleasure to take part in this morning's proceedings.

The report is characterized by Mr Young's excessive modesty, but it is clear that the school holds a very high place among the educational institutions of this town and that although it may not have made any distinct advance during the year, it has certainly maintained its ground. The fact that upwards of two-thirds of the boys are non-Christians is eloquent of its popularity with all classes of the community. I should like to see more denominational schools started every where, for it is of supreme importance that religion should be one of the subjects of regular study. That the University results are good and that discipline is strictly maintained is no more than what was to be expected of the highly efficient staff of teachers of which so experienced an educationalist as Mr. Young is the honoured head.

---

There is a saying that character counts for more than genius. Like most proverbs it contains a precious truth and crystallizes the results of the mature and accumulated experience of ages. A genius appears like a comet, astonishes the world by its brilliance and then quickly vanishes, but a man of character may not inappropriately be likened to a star of the first magnitude which sheds its lustre for ever. From the earliest times it is the men of character, rather than the possessors of transcendental abilities, that have proved the greatest benefactors of mankind. Look at Alexander, Hannibal, Timurlane, Jengis Khan and Napolean. What did they do but make a great

Split by PDF Splitter



stir at the time and bring untold misery and suffering to countless households. They did not hesitate to spread ruin and desolation all round for the gratification of their personal vanity or ambition, or to use their undoubted powers, not for the good of their fellow creatures, but for serving their own ignoble ends. Asoka and Akbar are gratefully remembered not for the victories they achieved, though these were many, but for the various peaceful measures which they undertook for the amelioration of their subjects. Coming to present times, the good and great Sovereign, whose demise has cast a deep gloom over her wide empire, acquired such a firm hold over the affections of her people more by her exemplary character as woman, wife and mother than by her queenly virtues. It was by the strength of their character that the sages and philosophers of ancient and modern times have done so much to mould the destinies of mankind. In those great men to whom the spiritual progress of the world is entirely due, solidity of character was combined with an absorbing love for their fellow men. It was thus that Confucius and Zoroaster became the founders of new faiths, and Sakya Muni discarded a throne that he might devote his life to the service of humanity, and his religion of charity and good will to all living beings, after a lapse of over 2500 years, still claims the largest number of adherents. Mahomet and Chaitanya are later examples of the same exalted type. And as for the Son of God with whose name this school is specially associated, although all of us may not be prepared to accept his divinity, yet we are all bound to render homage to the simplicity of his life, to the beauty of his character and to his abiding concern for the everlasting good of men.

The Master's injunction to propagate his faith has been well observed by his followers. Commencing with the immortal St Paul we have a succession of honoured and illustrious names who have in the following centuries braved every danger and suffered every privation to carry the cross to distant climes. In India the achievement of the Missionaries are most conspicuous; and in this glorious work the Baptists have taken no mean or insignificant part. To those who may be unacquainted with the early history of English Education in Bengal, and who now observe its wonderful development and marvellous results, it will be of interest to know that the establishment of the first English school was due to the efforts of Carey, Marshman and Ward, those giants who towered high above their contemporaries in the strength and earnestness of their character. It is also to the Serampore Mission that we owe the introduction of the vernacular type and the publication of the first Bengali news paper, or in other words printing and the Press, both of which have proved such potent factors in the diffusion of knowledge among the masses. It was in fact the other day while reading an interesting and thoughtful pamphlet on the study of Theology in India by our friend present here the Rev. Mr. Howells, and seeing a reference to the work of those great men that the idea occurred to me of addressing you on this occasion on the subject of character.

Their successors are carrying on the campaign against ignorance throughout the country, and no where with so much zeal and success as in Orissa. Their good works are observable both here and in Balasore, and lately while on a short visit to Bhadrak, I was greatly impressed with the single-minded devotion of a lady belonging to the American Mission, who all alone, and surrounded by strangers, had gathered together a number of ragged children to whom she was trying to impart the light of knowledge. Seed sown under such circumstances and with such care, must in time, yield a bountiful harvest. What is the source of strength of these earnest men and women and what is the secret of their influence over those amongst whom they work? It is not learning, although many of them are amply endowed with it, but it is their character. It is their pure and lofty character that commands respect.

It is one of those inscrutable ways of Providence, the beneficence of which we all realize but the reason of which it is not permitted us to fathom, that the path of honesty is also the path to success. Even from a mere worldly point of view it is best to be straight. And the Proverb says that "honesty is the best policy." It is a matter of general and universal experience that a vicious career though it may begin in apparent success, is sure to end disastrously. As with individuals, so with nations. A country prospers so long as its people are actuated by motives of justice and fairness and its policy is dictated by principles of equity and good conscience. Any departure from this high standard is sure, sooner or later, to lead to decay and ruin. Rome fell an easy prey to the barbarous Goths and Vandals when her citizens lost the sturdy character of a Brutus or a Cicero, and gave themselves up to excessive self-indulgence. The Mogul Empire came to an end when the successors of the great Akbar disregarded his principle of equal justice for all. Soon after the discovery of America, the Spaniards in the first flush of success cast to the winds all their noble and chivalrous feelings and repaid the open and unaffected hospitality of the Incas and Aztecs by nameless acts of spoliation and brutality, but it was not long before nemesis overtook them and their degeneracy is now complete. Only the other day they had to go on their knees before a nation barely a hundred years old. On the other hand we have two bright illustrations of how "righteousness exalteth a nation." England with whom it is our good fortune to be so intimately connected has ever been the home of lofty and noble sentiments. From the very first, all that was best in the country was against the iniquitous Slave trade, and the movement which originated with a small band of Quakers gradually gained strength until after years of struggle and under the guidance of Wilberforce it was crowned with complete success. But the evil continued unabated across the seas in the United States. There also it was the Quakers, the worthy decendants of the Pilgrim Fathers, who started an agitation in which others soon joined, but it took two centuries to bring it to a head, and it was not till the time of the noble Lincoln and without loss of much precious blood that victory was at last secured. These two countries thus rid of their worst blot, like gold purged of its dross in the baptism of fire, have rapidly increased in prosperity and are now the foremost on the face of the globe.

Worth and greatness thus depend on character, which is conduct regulated solely by righteousness, honesty and a strict sense of duty. Ability without character is a source of danger rather than of strength, for it makes wickedness easier. In private or public life the most value is set on character, for without it the best talent is of no avail and is only used for selfish ends. To the young men of this school my advice is, do not neglect the formation of character. The noble examples that you have before you ought to stimulate you to be strictly honest and dutiful. When you leave school and enter the world, see that you do not belie your education by doing anything wrong or dishonourable, but strive all your lives to maintain the high standard which you are being taught here.

---

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ପୁରୀ ଡେପୁଟୀ କଲେକ୍ଟର ବାବୁ ଦେବେନ୍ଦ୍ର ବସୁ ଜନ୍ମ ମାସେଣ ପର୍ଯ୍ୟନ୍ତ ଗୋର୍ଖା ଇଟସିଲର ଏକ ସ୍ଥଦଣରେ ନିଯୁକ୍ତ ହେଲେ ।

କୃଷ୍ଣନଗର ଡେପୁଟୀ କଲେକ୍ଟର ବାବୁ ଅଭୟପ୍ରସାଦ ଦାସ ତ୍ରିଶାର ସଦର ମହକୁମାକୁ ବଦଳି ହେବାର ଅଦେଶ ରହିତ ହେଲା ।

ବାଲେଶ୍ୱର ଅମେରିକା ପ୍ରିଡାଫ୍ରିଶ ମିଶନର ଲେଡ଼ି ଡାକ୍ତର କୋଟେସ୍ ଷ୍ଟିଭି ମଧୁରଙ୍ଗ ଓ ମନଶିବର ଦେଶୀୟ ସ୍ତ୍ରୀଙ୍କ ଜନ ମଧ୍ୟରେ ଚିକିତ୍ସା କାର୍ଯ୍ୟ ଦେଇ ଦେଡାଲ ପ୍ରାପ୍ତ ହେଲେ ।

କେନ୍ଦ୍ରାପଡ଼ାର ମୁନସଫ ବାବୁ ଗଙ୍ଗାଧରପ୍ରସାଦ ଦେ ସମ୍ବଲପୁର ଜିଲାର ନୟପଲ୍ଲୀର ମୁନସଫ ପଦରେ ନିଯୁକ୍ତ

Digitized by srujanika@gmail.com

Split by PDF Splitter



ହେଲେ ଓ ଲକ୍ଷ୍ମୀପୁର ମୁନ୍‌ସେଫ ବାବୁ ବିଶ୍ୱେଶ୍ୱରନାଥ ବନ୍ଦ୍ୟୋ ଡେପୁଟିମାଜି ମୁନ୍‌ସଫ ପଦରେ ନିଯୁକ୍ତ ହେଲେ ।

ଅଫିସିଏଟ ଡେପୁଟି କଲେକ୍ଟର ବାବୁ ଅଶ୍ୱିନୀକୁମାର ଦତ୍ତ ବର୍ଦ୍ଧମାନ ଖାସ୍‌ମହାଲର ସ୍ଥାୟୀ ନିଯୁକ୍ତ ହେଲେ ।

ମୌଲବୀ ମହମ୍ମଦ ମଜହର ରାଜସ୍ୱ ଷ୍ଟାମ୍ପ ବୋର୍ଡର ସ୍ଥାୟୀପଦରେ ନିଯୁକ୍ତ ହେଲେ ।

ବଙ୍ଗ ମଧ୍ୟଶ୍ରେଣୀ ବଙ୍ଗ ଭାଷା ଦେଶୀୟ ରେଜିଷ୍ଟ୍ରେସନ ପଦରେ ପୁନଃ ନିଯୁକ୍ତ ହେଲେ ।

---

ଏ ସପ୍ତାହରେ ଅଧିକ ବର୍ଷା ନାହିଁ । ଆକାଶ ପରିଷ୍କାର ଆଉ ଶୀତ ଦେଖା ଦେଉଅଛି ।

ଓଡ଼ିଶା ସ୍ଥାନରେ ପାଣିଟା ଜମିଅଛି ଏବଂ ଜ୍ୱରରୋଗ ମଧ୍ୟ ହେଉଥିବାର ସମ୍ବାଦ ପାଉଅଛୁଁ ।

ନିଜାମ ରାଜ୍ୟରେ ଡାକୁର ଦଳ ଗାଁ ଓ ବୁର୍ଗର ଗ୍ରାମ ଅଞ୍ଚଳରେ ବହୁ ଦୌରାତ୍ମ୍ୟ କରୁଅଛନ୍ତି । ପ୍ରାୟ ପ୍ରତ୍ୟେକ ଡାକୁର ଶାସନ ନିମନ୍ତେ ରଖିଥିବା ଫୌଜ ହେବାର ଦେଖାଯାଏ ।

ଶ୍ରୀଯୁକ୍ତ କଲେକ୍ଟର ସାହେବ ତା ୧୫ ରଖ ଛୁଟି ନେଇ ବାହାର ଭାଗରେ ଅଫିସ ଦେଖିଅଛନ୍ତି । ଅତଏବ ସେହି ଅଫିସର ଖବର ପାଏ ।

ଏଠା ଷ୍ଟାମ୍ପ ଭେଣ୍ଡର ଜଣେ ଡେଲିଗେଟ ବୋ ୫ ଘଣ୍ଟାରେ ଦେଶରେ ଧର୍ମ ଶିକ୍ଷା ବିଷୟରେ ୫ ଏକ ଲା ଚନ୍ଦାପାଇ ଓ ଆଉ ବହୁତ ଏକମାତ୍ର ଉପଦେଶ ପାଉଅଛି ।

ବାଲେଶ୍ୱର ଜିଲାରେ ଜମିଦାରମାନଙ୍କ ପକ୍ଷରୁ ଶତ୍ରୁତା ମଜୁର ଶିଳ୍ପୀମାନେ ଦାଇଦାଉଣା ହୋଇ ଜମି ଓ ଦେବୋତ୍ତର କର ୫ ଟଙ୍କା ଅଗ୍ରିମ ଦେଇଥିଲେ । ମହାରାଜା ସାହେବଙ୍କ ଆଦେଶ ଅନୁସାରେ ଜମି ୫ ଏକ ଭାଗ ଖଜଣା ଜମାକୁ ମା ୫ ଏବଂ ମା ୧ ସୁଧ ଲାଭରେ ପାଇଅଛି ।

ବାଲେଶ୍ୱରରୁ ଏକ ଦାଙ୍ଗା ଲେଖିଥିଲେ ଯେ ଗତମାସ ତା ୨୮ ରିଖ ଅପରାହ୍ନ ୪ ଘଣ୍ଟାରେ ବେଣାର ପଲଟଣ ପଣ୍ଡିତଙ୍କ ପ୍ରବେଶରେ ନୂତନ ଏକ ଜଣ ଏକ ଉତ୍ତେଜିତ ଲୋକ ମାନେ ଧନଦଉଲତ ଖେଳ ହୋଇଥିଲା । ସେହି ପଟଣା ବାବୁ ଅନେକଙ୍କ ସହାୟତା ହୋଇଥିଲେ । ସେଥିପାଇଁ ତଳ ଜଗନ୍ନାଥ ଖେଳ ଏବଂ ଅନେକ ଜଣଙ୍କ ଦେହରେ ଗୋଳି ଓ ସାହସ ଦେଖି ବସନ୍ତ ଅପୂର୍ବ ରହିଥିଲେ ।

ଯୁଦ୍ଧଶିଳ ରାଜା ସମ୍ବଲପୁର ଲେଖୁଅଛନ୍ତି କର୍ମଚାରୀଙ୍କ ଏକ ଲିଖ ଚିଠା ଦେବାହାରିବାର ଜଣାଇ ଓଡ଼ିଶା ଦରବାରରେ ଲେଖିଅଛନ୍ତି । ଏଥିପାଇଁ ଏକଟା ବାହିର ବେତେଇବା ଉଚିତ ହେବ । ବେଶି ଏକା ଦେଲେ ଜେଲରେ ଯାଇ ଲିଖ ଏକା ମିଳିବ ଏମାନଙ୍କ ମହାରାଜ ଲେଖିଥିଲେ ଉତ୍ତର ହୋଇଥାନ୍ତା ।

ନେପାଳଠାରେ ତା ୧୨ ଶ ତେଲେଙ୍ଗି ମହାମାରୀରୋଗରେ ଆକ୍ରାନ୍ତ ହୋଇଥିବାର ସମ୍ବାଦ ମିଳିଛି । ମହାମାରୀ କେମ ପାଣ୍ଡୁଆ ପ୍ରବଳ ଗତି ବିସ୍ତାର କରୁଅଛି କି ?

କଲିକତାରେ ଓ ପଶ୍ଚିମଦ୍ୱୀପର ପ୍ରାଦୁର୍ଭାବ ହୋଇଥିବାର ସମ୍ବାଦ ମିଳିଛି । ତ ୧୬୦ ଶ ଲୋକ ଏହିରୋଗରେ ଆକ୍ରାନ୍ତ ହୋଇ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି ।

ଭାଗଲପୁରରେ ନୌକା ବୁଡ଼ିଯିବା ଦେଶୀୟ ମୁଖଣ ଯାତ୍ରୀଙ୍କ ଏକଲକ୍ଷ ଟଙ୍କାର ଟଙ୍କା ନଷ୍ଟ ହୋଇଥିବାର ସମ୍ବାଦ ମିଳିଛି ।

ବୋମ୍ବାଇରେ ମହାରାଜା ଗାଇକ୍‌ବାଡ଼ ତା ୨୭ ରିଖରେ ଅସ୍ତମାନିକ ରତ୍ନମୋତିଙ୍କ ହୀରା ବସ୍ତଠାରେ ସାକ୍ଷାତ୍ କରିଥିବାର ସମ୍ବାଦ ମିଳିଛି । ସମ୍ରାଟ ରାଜା ମହୋଦୟଙ୍କ ନୂତନ ରୋଗ ଅନ୍ତର ପ୍ରକାଶ କରି ସ୍ୱୟଂ ସ୍ୱାସ୍ଥ୍ୟରେ ବତାଇ ଦେଇଥିଲେ ।

ପଶ୍ଚିମ ଦ୍ୱୀପାବଳୀ ଗ୍ରହଣରେ ଅକାଳ ପରିସ୍ଥିତି ହୋଇ ଥିବା ଓ ବର୍ଷା ହେବାର କୌଣସି ଚିହ୍ନ ଦେଖା ଯାଉ ନ

ଥିବାର ସମ୍ବାଦ ମିଳିଛି । ଏଥିରୁ ଏବର୍ଷ ପ୍ରୀଷ୍ମ ଶୀତ ପଡ଼ିବାର ସମ୍ଭବ । ଶୀତ ପଡ଼ିଲେ ବର୍ଷାର ଅଭାବ ହେବାର ସମ୍ପୂର୍ଣ୍ଣ ସମ୍ଭାବନା । ସୁତରାଂ ଫସଲ ଖରାପ ହେବା କଥା ଅକାଳ ହେବ ଅଛି ।

ମିଶରର ସ୍ୱଦେଶ ସ୍ୱର୍ଣ୍ଣ ବନ୍ଦୀଙ୍କୁ ନିର୍ବାସନଠାରେ ଗୋହତ୍ୟା ସମ୍ବନ୍ଧ ପ୍ରକାଶ କରିଥିବାର ଯେଉଁ ସମ୍ବାଦ ଇତିପୂର୍ବେ ଆମ୍ଭେମାନେ ପାଠକମାନଙ୍କୁ ଜଣାଇଥିଲୁଁ ତାହା ଠିକ୍ ନୁହେଁ । ସମ୍ରାଟ ପ୍ରବନ୍ଧ ସମସ୍ତ ଅଚ୍ଛନ୍ନ ମା ୫ ସ୍ଥାନ ଲଇଅଛି । ଏଥିର ଉତ୍ତରକୁ ଦେଖିବ ବାହେ ପୂଜକଙ୍କର ଘର କରିବାର ସମ୍ଭବ ।

ଦକ୍ଷିଣ ଦେଶ ରେଲବାଇରେ ପାଦରି ଏବଂ ଚର୍ଚ୍ଚପାଦରି ମାନଙ୍କ ଗୋ ୨ ଟି ରେଲଗାଡ଼ି ଷଡ୍ଡା ବାହି ଲେଭେଲ୍ କ୍ରସିଂ ପାରି ଭାଙ୍ଗି ଯାଇଥିବା ଏବଂ ଜଣେ ଜର୍ମାନ୍ ମନ୍ତ୍ର ବଞ୍ଚିଥିବାର ସମ୍ବାଦ ମିଳିଛି । ଅନ୍ୟ ଜଣେ ଖ୍ରୀଷ୍ଟିୟାନ ଅପାଟ ପାଇଅଛନ୍ତି ।

କଲିକତାରେ ଜଣେ ସ୍ତ୍ରୀଲୋକ ଘରେ ମୁଖ ଅଲୁଆ ଦେଖା ସମୟରେ ବୃଦ୍ଧ ବଙ୍ଗାଳୀରେ ଗୋଟିଏ ୨ ଗଟି ଟିପ ଦେବାରୁ ପ୍ରାଣ ହରାଇ ଅକାଳ ସମ୍ବାଦ ମିଳିଛି ।

ରୁଷିୟାର ସମ୍ରାଟ୍ ସ୍ୱର୍ଗୀୟ ମହାରାଣୀଙ୍କ ପ୍ରାସାଦରେ ସଦନ୍ତ ସୁଦ୍ଧ କାଲ ମାସ ତା ୨୧ ରିଖରେ ଡ୍ୟୁକେଣ୍ଡର ନଗର ଜାନୁଆରୀ ସମ୍ବାଦ ମିଳିଛି । ଫ୍ରାନ୍ସ ଦେଶର ସୀମା ପାର ହୋଇ ସମ୍ରାଟ୍ ତାଙ୍କ ଅଭ୍ୟର୍ଥନାରେ ବହୁତ ଲୋକ ହୋଇଥିବା ଦେଖି ତାଙ୍କ ଲୋକେ ଫ୍ରାନ୍ସ ଦେଶର ସମ୍ମାନରେ ଜଣାଇଅଛନ୍ତି । ଫ୍ରାନ୍ସରେ ପ୍ରବେଶର ସ୍ୱରୂପ ଏବଂ ସମ୍ରାଟଙ୍କ କଥାବାର୍ତ୍ତାରେ ବହୁତ ସୌହାର୍ଦ୍ଦ୍ୟ ପ୍ରକାଶିତ ହୋଇଥିଲା ଏବଂ ଲୋକମାନେ ମଧ୍ୟ ଆଗ୍ରହରେ ଅନେକ ତୋଳାଇଦେଇ ସମ୍ରାଟଙ୍କୁ ଅଭ୍ୟର୍ଥନା କରିଥିଲେ । ଫ୍ରାନ୍ସର ସ୍ୱାଧୀନତାପ୍ରାପ୍ତ ସମ୍ରାଟଙ୍କର ପ୍ରାନ୍ତ ଦେଶର ଅନେକ କରିବାରେ ସ୍ୱଦେଶ ଫ୍ରାନ୍ସ ଓ ରୁଷିୟାର ସୌହାର୍ଦ୍ଦ୍ୟ ସମ୍ବର୍ଦ୍ଧିତ ହୋଇଥିବ ବୋଲି ଏକମତରେ ପ୍ରକାଶ କରୁଅଛନ୍ତି ।

ଅସ୍ମାକଙ୍କର ନବ ସମ୍ରାଟ୍ ଇଂଲଣ୍ଡର ରାଜା ଏଡ଼ୱାର୍ଡ ପୁନି ୧୯୦୨ ମସିହାରେ ଦିଲ୍ଲୀଠାରେ "ଭାରତୀୟ ସମ୍ରାଟ୍" ଉପାଧି ଗ୍ରହଣ କରିବାକାରଣ ଉପସ୍ଥିତ ହେବାର ଶୁଣାଯାଏ ।

ଆଗାମୀ ଜାନୁଆରୀ ମାସରେ ହିନ୍ଦୁସ୍ଥାନର ମହାରାଜା କଶ୍ମୀର ମହୋଦୟଙ୍କ ସଙ୍ଗେ ସାକ୍ଷାତ କରିବାକାରଣ କଲିକତାକୁ ଆଗମନ କରିବାର ସମ୍ବାଦ ମିଳିଛି ।

ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ଚାଲିବାକୁ ଜଣେ ଫରାସୀ କୋମ୍ପାନୀ ରେଲପଥ ହୋଇଥିବାର ସମ୍ବାଦ ମିଳିଛି । ସେ ଉଭୟଦେଶଠାରୁ କୋମ୍ପାନୀକୁ ଅନୁମତି ପାଇବାର ଆଶା ରଖିଅଛନ୍ତି ।

ଛତ୍ରଦେଶରେ ବହୁତ ବୃଷ୍ଟି ହୋଇ ନଦୀମାନଙ୍କରେ ଜଳର ବୃଦ୍ଧି ହେଲା ଏବଂ ଭାରତ ମଧ୍ୟ ଜଳ ଲାଗି ଭାସିଯିବାର ସମ୍ବାଦ ମିଳିଛି ।

ମନ୍ଦିର୍ ମାନବ ସଭାରେ ମୌଳିକତାର ଅଭିଯୋଗ ହୋଇ ଆସିଥିଲା । ବର୍ତ୍ତମାନ୍ ଅଭିଯୋଗ କୋର୍ଟରୁ ହସ୍ତ ଉଠିବା କାରଣ ଅଛି ଏକଥରର ଜୋର ନିର୍ମିତ ହୋଇଅଛି । ଉତ୍ତରରେ ଏହି କୋର୍ଟରେ ଯାବୁ ଜଳ ଗଭୀର ପରୀକ୍ଷା ହେବା ସମୟରେ କୋର୍ଟ ପାସ୍ୱାଲ ଭୁମିରେ । ଏଥିରେ ତ ୮୦ ଶ ଲୋକେ ମନ୍ଦ ପଡ଼ିଗଲେ । କେବଳ ତ ୧୨ ଶ ବଞ୍ଚି ଅଛନ୍ତି ।

ଭଗବାନ୍‌ପୁରା ସେ ପାଟନାରେ ଉଷ୍ଟବ୍ରଳି କମ୍ପ ମାନବ ଜଣେ ଦେବକର କନ୍ୟା ସ୍ୱାମୀ ସଙ୍ଗେ କଳହି କରି ଅପଦାର ସମସ୍ତ ଅଳଙ୍କାର ନେଇ ହାତ ସରିଲା ଯିବି ବାପ ଘରେ ଉଲଙ୍ଗବସ୍ତ୍ରବ ନେଲା । ଅଳଙ୍କାରମୂଲ୍ୟକର ମୂଲ୍ୟ ୫ ୭୦୦ ଟା । ଏଥିର ଦେବେନ ଦର ଧରିବ ବାହା ଭାବକୁ ଅଳଙ୍କାରଗୁଡ଼ିକ ନାଡ଼ିଦେଲୁ ଭାବ ଅଳଙ୍କାର ଦସ୍ୟୁ ବହି ନାହିଁ ବ ଏକାଳ ପ୍ରକାଶ ହେଲା । ତଥ୍ୟ ସୌଭାଗ୍ୟ

ଅଦାଲତର ଅନ୍ତସ୍ଥ ସୋଲଦ୍ର ଏବଂ ଉନ୍ନିଶଙ୍କ ବର୍ଷର ନିମନ୍ତେ ଶମପୁତ୍ର ହାକିମଙ୍କ ପାଉଦା — ସମସ୍ତଙ୍କୁ ବଣିକ ବନ୍ଧୁଙ୍କ ଅଧିକ ଅନୁଗ୍ରହ କରିବା ଉଚିତ ଭାବ ଦେବା ଲୋକଙ୍କର — ଆଲୋଚ୍ୟ ଦୂରତ୍ରମ ।

## ଯାଜପୁର-ସମ୍ବାଦ ।

ଅନେକ ଦିନ ଯାଏ ଭଲରୂ ଅଗ୍ନି ନାମ ପ୍ରବେଶ ହେବା ମାତ୍ରେ ଏବ ସପ୍ତାହପର୍ଯ୍ୟନ୍ତ କ୍ରମଶଃ ଜଳ ବର୍ଷା ହେବାରୁ ଧାନ ଫଳ ଓ ଜଳ ବୃଷ୍ଟିରଣୀମାନ ଜଳପୂର୍ଣ୍ଣ ହୋଇଯିବାରୁ ମୃତ ପ୍ରାୟ ଧାନଗଛ ମଇଳେ ଜଳ ପୂର୍ଣ୍ଣ ହେବାରୁ ବର୍ତ୍ତମାନ ସେହି ସମସ୍ତ ଗଛ ମୂଳରୁ ନୂତନ ଗୁଛି ଉଠାଇ ଧାନ ଗଛ ମୋଟା କାଳିଅଛି ।

ଗତ ୧ ରିଖ ଅପରାହ୍ନ ଝଡ଼ବତାସ, ଶୀତଜ୍ୱର ଓ ନନ୍ଦନାନଙ୍କ ନୌକାମାନଙ୍କରେ ଓଡ଼ଗଠା ଅଧିକ ହୋଇ ପ୍ରାୟ ଜ ୬୮ ଶ ଲୋକ କଷ୍ଟଭୋଗରେ ପଡ଼ି ହୋଇଅଛନ୍ତି ।

ଏଠା ବିଦ୍ୟାଳୟ ସ୍କୁଲପିଲାର ଅଭିଭାବକ ଶ୍ରୀଯୁକ୍ତ ନୃପଗୁଣ ଲୋକଙ୍କ ଜଳ ବଇଦ ଦେଖିକରି ହୁଣ୍ଡିପିଲାଙ୍କ କରଣ ହୋଇଥିବାରୁ ଜାଜ ଗ୍ରାମରେ କଞ୍ଚନ ବନ୍ଧ ସ୍ଥାନର ଉଲ୍ଲାସ ଗ୍ରାମକୁ ଆଜିବାର ଜଣଙ୍କ ଏଠାକୁ ଅନ୍ୟତ୍ର । ଶ୍ରେଣୀମାନେ ଦୁର୍ଦ୍ଦଶା ଖାଲି ଜନେକ ଜଣ ହେଉ ଏଠାରେ ଏବାରୁ ଭାଲ ନଦୀରେ ଅଛୁମାନଙ୍କ ଦୁଃଖିତ ହୋଇଅଛୁଁ ।

ଅନନ୍ତ ତି ଟାକାରେ ମୋଟ ଘୃଷ୍ଟ ବ୍ଲେ ୧ ଜ ଓ ଖଣ୍ଡ ବ୍ଲେ ୬ ଜ ଭୁସାଇରେ ଉପସ୍ଥିତ ହୋଇଅଛି ।

ଗତସ୍ୱପ୍ନ ଜଗର କଟକରୁ ଶାଳରେ ଜଳ ପ୍ରବେଶ ହୋଇ ଲେଖା ଦିଆ କଲାନାଥଙ୍କ ଓ ବାଇଣୀ ପ୍ରଭୃତି ପ୍ରଜା ମାନଙ୍କ ଦେଲେ ଯେଉଁ ମୌଜାରେ ସ୍ଥାପିତ ହେଲା ପ୍ରଜାମାନଙ୍କର ଧାନ ଆଉ ପ୍ରବଳ ନାଳ ଭୁଷ ବର୍ଷ ନଷ୍ଟ ହୋଇଯାଉଥିବା ଜମିଦାର ଅଧିକାଂଶ ଗାଁ ଗାଁ କରି ଆରମ୍ଭରେ ଜବ୍ଦ କରୁଥିଲେ ନାହିଁ ମହାମନ୍ତ୍ରୀ ଦେଶୀୟ ମେଧାରେ ଉତ୍ସବ ସାଧ ପ୍ରଭ ବୃଦ୍ଧି ପଛ ଥିବାରୁ ଉତ୍ତର ବିକେଳୀ ସାଗର ମୁହଁ ବନ୍ଦ କରିବେ ବୋଲି ସମସ୍ତ ଓ କୁମାରମେଳା ପ୍ରଭ ଜାଗରଣ ହୋଇ ଗତ ଏକ ଅନନ୍ତ ପ୍ରତିଷ୍ଠା ଆଉ ସୁସ୍ଥ ହେଉଅଛି ।

ଉକ୍ତ ଥାନାର ନଧିଦିବ ଦେବସ୍ଥାନ ମୌଜାରେ ୯ ଜଣେ ଠାକୁରାଣୀଙ୍କର ସେବା ସ୍ଥାନ ଧାନ୍ଦ୍ୟ ସ୍ୱଳ୍ପ ଏକ ଗୋଟି ଉଠି ଏବଂ ବାଳକର ଦୁଇ ଗୋଟି ପ୍ରସିଦ୍ଧ ବାହୁଦୀ ପ୍ରସବ କରିଅଛି ବାଳକ ଦୁଇ ବର୍ତ୍ତମାନ ଜୀବିତାବସ୍ଥାରେ ଅଛନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ କରକମଳେଷୁ ।

ମହାଶୟ

ଆମ୍ଭେ ଅଧିକା ଏହର ବର୍ଷର ବାରସ୍ୱାର କ୍ଷତିଗ୍ରସ୍ତ ଜଣେ ( ବଙ୍ଗଦେଶୀୟ ) ଅଟୁ ପାଠ ବ୍ରାହ୍ମଣ, ଆମ୍ଭ ଜନ୍ମଭୂମି ପାଇଲ ଅର୍ଥାତ୍ ମୋହାଣ ଦିନରୁ ସେହି ଜାତି ହୋଇ ଏକାବେଳକେ ଦୁର୍ଭିକ୍ଷ ଅବସ୍ଥାରେ ଅତି କଷ୍ଟରେ କାଳ ଯାପନ କରୁ ଥିଲୁଁ; ମାତ୍ର କେନ୍ଦ୍ରଗଡ଼ର ଡେପୁଟି ମାଜିଷ୍ଟ୍ରେଟ ଶିଳ୍ପ ସର୍କଲ ଶ୍ରୀଯୁକ୍ତ ବାବୁ ଅନନ୍ତଲାଲ ବୋଷ ମହାଶୟଙ୍କ ଶରଣାଗତ ହେବାରେ ବାବୁ ମହୋଦୟ ତାଙ୍କର ଉଦାରତା, ଦୟାଳୁତା ଓ ସଦାଶୟତା ଗୁଣରେ ଅତି ଦୟା ପୂର୍ବକ ଏପରି କୌଶଳ ଓ ଉତ୍ତର ସହିତ ଅଛି ଉତ୍ସାହର ଦର୍ଶନ ଉକ୍ତର

Digitized by srujanika@gmail.com

Split by PDF Splitter



ତୋଳା ମଧ୍ୟରେ ଜନ୍ମିଥିବା ମାଂସ ପରିବର୍ତ୍ତିତ ପଦାର୍ଥଟିକୁ ବାହାର କରି ଦେଲେ ସେ ଅମ୍ଭେ ଲେଶ ମାତ୍ର କଷ୍ଟ ବୋଧ କରି ପାରି ନାହୁଁ । ଧନ୍ୟ ତାଙ୍କର ଅସ୍ତ୍ର ଚିକିତ୍ସା ଶିକ୍ଷାକୁ ଓ ଚତୋଥିକ ଧନ୍ୟ ତାଙ୍କର ଉଦାରତା ଓ ଦୟାଳୁତା ଗୁଣକୁ । ସେ ଯେପରି ଦୟା ଓ ଯତ୍ନର ସହିତ, ଅମ୍ଭର ସାମାନ୍ୟ ଭୃତ୍ୟଙ୍କୁ ମଧ୍ୟ ସ୍ୱହାତାରୋହଣରେ ବାରମ୍ବାର ଆସି ବିନା ଦର୍ଶନୀ ମାତ୍ର ପ୍ରଦର୍ଶନରେ ( ଈଶ୍ୱର ଦତ୍ତ ପରେ ଅପହୃତ ) ଚକ୍ଷୁଟି ଆରୋଗ୍ୟ କଲେ, ତେହୁ ଧନୀ ଲୋକ ହୋଇଲେ ସେ ଚକ୍ଷୁଣାରୁ ତାଙ୍କୁ ଅତି ମନୁଷ୍ୟର ସହିତ ଜ୍ୟୋତି ପକ୍ଷେ ପଞ୍ଚ ଶତ ମୁଦ୍ରା ପାରିତୋଷିକ ଦିଅନ୍ତେ । ଅମ୍ଭେ ଗରିବ ବ୍ରାହ୍ମଣ କି ଅବା ଦେବୁଁ ତେବେ କାୟ ମନ ବାକ୍ୟରେ ଏହି ଆଶୀର୍ବାଦ ଏବଂ ଜଗଦୀଶ୍ୱରଙ୍କ ନିକଟରେ ସର୍ବଦା ପ୍ରାର୍ଥନା କରୁଅଛୁଁ ଯେ ଜଗଦୀଶ୍ୱର ତାଙ୍କୁ ଧନ, ଧାନ୍ୟ ପୁତ୍ରାଦିର ସହିତ ଦୀର୍ଘଜୀବୀ କରି ସ୍ୱାସ୍ଥ୍ୟ ସମ୍ପଦରେ ଅଶ୍ୱର ଉଚ୍ଚତମ ପଦାରୂଢ଼ରେ ଥିବ ହଟକ ସ୍ଥାନରେ ଚିରସ୍ଥାୟୀ କରି ରଖନ୍ତୁ ।

ବଶମ୍ବଦ

ଶ୍ରୀ ପୀତନାଥ ଚକ୍ରବର୍ତ୍ତୀ ବାଣସ୍ତବାଦ

କଟକ

---

ମହାଶୟ —

ଲୋକସଂଖ୍ୟା କାଗଜରେ କାୟସ୍ଥ ଜାତିକୁ ବୈଶ୍ୟଙ୍କ ତଳେ ଦେବାର ପ୍ରସ୍ତାବ ହେବାରୁ ତତ୍ସଙ୍କ୍ରାନ୍ତରେ ବଙ୍ଗୀୟ କାୟସ୍ଥଙ୍କ ଆନ୍ଦୋଳନ ଇତ୍ୟାଦି ବିଷୟ ଆପଣଙ୍କ ଲିଖିତ ବଙ୍ଗୀୟ କାୟସ୍ଥସଭା ନାମ୍ନୀ ପ୍ରବନ୍ଧରୁ ଅବଗତ ହୋଇଅଛୁଁ ।

ଏଥିପାଇଁ ବଙ୍ଗୀୟ କାୟସ୍ଥମାନେ ଯେପରି ବ୍ୟସ୍ତ ହୋଇ ଗବର୍ଣ୍ଣମେଣ୍ଟରେ ଆବେଦନ କରିଅଛନ୍ତି ସେହିପରି ଅମ୍ଭ ସ୍ୱଜାତୀୟ ପଶ୍ଚିମା କାୟସ୍ଥମାନେ ମଧ୍ୟ ଗବର୍ଣ୍ଣମେଣ୍ଟରେ ଗତ ମଇମାସରେ ଆବେଦନ କରିଅଛନ୍ତି । ସେମାନଙ୍କ ସଦର ସଭାରୁ କାୟସ୍ଥ ଇଥନଲଜି Ethnology ନାମକ ପୁସ୍ତକଟିଏ ସନ ୧୮୯୪ ସାଲରେ ଉର୍ଦ୍ଦୁଭାଷାରେ ପ୍ରକାଶ ହୋଇଅଛି । ସେଥିରେ ବ୍ରହ୍ମାଙ୍କ କାୟାରୁ ଚିତ୍ରଗୁପ୍ତ ଜନ୍ମ ହୋଇ ଦୁଇ ଋଷିକନ୍ୟାଙ୍କୁ ବିବାହ ହେବା ଓ ତାଙ୍କର ବାର ପୁତ୍ରମାନେ କ୍ଷତ୍ରିୟଧର୍ମୀ ନୃପାରେ ଉପନୟନାଦି ସଂସ୍କାରମାନ କରିବ, ଉତ୍ତରେ ଭାରତ ପ୍ରଦେଶକୁ ପ୍ରେରିତ ହୋଇ ଶ୍ରୀବାସ୍ତବ, ଅମ୍ବଷ୍ଠ, ମାଥୁର, କରଣ, ଗୌଡ଼ ପ୍ରଭୃତି ବାର ଶ୍ରେଣୀର କାୟସ୍ଥ ସ୍ୱରୂପ ଖ୍ୟାତ ହେବା ଓ ସେମାନେ ସମସ୍ତ କ୍ଷତ୍ରିୟବର୍ଣ୍ଣଭୁକ୍ତ ଥିବା ବିଷୟରେ ଯମସଂହିତା, ପଦ୍ମପୁରାଣ, ଭବିଷ୍ୟପୁରାଣ ପ୍ରଭୃତି ଅନେକ ଶାସ୍ତ୍ର ପୁସ୍ତକରୁ ପ୍ରମାଣମାନ ( Extracts ) ପ୍ରଦତ୍ତ ହୋଇଅଛି । ଏଥିର ପୋଷକତାରେ କାଶୀ, ଆଗ୍ରା, ମିଥିଳା, ନାଦିଆ, ପୁନା, ବଙ୍ଗ ଇତ୍ୟାଦି ୧୫ ସ୍ଥାନର ଛନ ଗୁରୁପତ ପଣ୍ଡିତଙ୍କର ବ୍ୟବସ୍ଥା ଓ ଆଗ୍ରା ସଦର ଦେୱାନୀ ଅଦାଲତ ଓ ଏଲାହାବାଦ ହାଇକୋର୍ଟର ଓ ଉତ୍ତର ପଶ୍ଚିମସ୍ଥ ଅନ୍ୟାନ୍ୟ ଦେୱାନୀ ଅଦାଲତର ଫଇସଲାମାନ ଦିଆ ଯାଇଅଛି । ପଶ୍ଚିମା କାୟସ୍ଥମାନେ କ୍ଷତ୍ରିୟ ଥିବାର ଅତ୍ର ଖଣ୍ଡିଏ ଇଂରେଜୀ ପୁସ୍ତିକା ମଧ୍ୟ ସନ ୧୮୯୮ ସାଲରେ ପ୍ରକାଶ ହୋଇଅଛି । ଏହି ସବୁ ବଳରେ ପଶ୍ଚିମା କାୟସ୍ଥମାନେ ଲୋକସଂଖ୍ୟା କାଗଜରେ କ୍ଷତ୍ରିୟ ବର୍ଣ୍ଣ ଭୁକ୍ତ ହେବାର ପ୍ରାର୍ଥନା କରିଅଛନ୍ତି, ଫଳ ଜଣା ଯାଇ ନାହିଁ । ଅମ୍ଭ ବିବେଚନାରେ ଏଥିପାଇଁ କି ପଶ୍ଚିମା କି ବଙ୍ଗୀୟ କୌଣସି କାୟସ୍ଥ ଜାତି ଏପରି ବ୍ୟସ୍ତ ହେବାର ଆବଶ୍ୟକ ନାହିଁ, କାରଣ ଲୋକସଂଖ୍ୟା କାଗଜରେ ଯେ କୌଣସି ଠାରେ ତାଙ୍କୁ ସ୍ଥାନ ଦିଆଯାଉ ନା କାହିଁକି ସେଥିପାଇଁ କିଛି ଯାଏ ଆସେ ନାହିଁ । ସେ କାଗଜରେ ବ୍ରାହ୍ମଣ ଜାତି ଉପରେ କାୟସ୍ଥ ଜାତି ଲେଖିଲେ ହିନ୍ଦୁ ସମାଜରେ ବ୍ରାହ୍ମଣ ଅପେକ୍ଷା କାୟସ୍ଥର ମର୍ଯ୍ୟାଦା ଅଧିକ ହେବ ନାହିଁ ସେହିପରି ବୈଦ୍ୟ ବା ଅନ୍ୟ ଜାତି ତଳେ ଲେଖିଲେ ମର୍ଯ୍ୟାଦାର ଲେଶ ମାତ୍ର ଊଣା ହେବ ନାହିଁ । ଯେଉଁ ଜାତିର ଯେପରି ମାନ୍ୟ ପରମ୍ପରା ଚଳି ଆସୁଅଛି ସେହିପରି ଚଳୁଥିବ । ଅତଏବ ଲୋକସଂଖ୍ୟା କାଗଜରେ ତଳ ଉପର ଲେଖା ପ୍ରତି କୌଣସି ଜାତିର ଆକ୍ଷେପ କରିବା ଉଚିତ ନୁହେ ।

ସେ ଯାହା ହେଉ ଆପଣ ଯେ ଲେଖିଅଛନ୍ତି କି ସମସ୍ତ କାୟସ୍ଥମାନେ ଏକ ମେଳ ହୋଇ ଆପଣାର ଉନ୍ନତି ଓ ହିତକର ସଂସ୍କାରରେ ପ୍ରବର୍ତ୍ତ ହେଲେ ସ୍ୱସମାଜର ସମ୍ମାନ ବୃଦ୍ଧି ହେବ, ଓ ସରକାର ବାଧ୍ୟ ହୋଇ ତାହା ସ୍ୱୀକାର କରିବେ, ଏହା ଯଥାର୍ଥ ଅଟେ ଓ ଏଥିର ଅନୁମୋଦନ ଅମ୍ଭେ ସ୍ୱାନ୍ତଃକରଣରେ କରୁଅଛୁଁ । କିନ୍ତୁ ଦୁଃଖର ବିଷୟ ଏହି ଯେ ପ୍ରଥମରୁ ପଶ୍ଚିମା ଓ ବଙ୍ଗୀୟ କାୟସ୍ଥଙ୍କ ଆବେଦନ ପତ୍ରରେ ଅମେଳ ଘଟିଲାଣି କାରଣ ବଙ୍ଗୀୟ କାୟସ୍ଥ, ପଶ୍ଚିମା କାୟସ୍ଥଙ୍କୁ ଶୂଦ୍ର ବୋଲି ଲେଖିଅଛନ୍ତି । ପଶ୍ଚିମା କାୟସ୍ଥମାନେ ମୋଟରେ କାୟସ୍ଥ ଜାତି କ୍ଷତ୍ରିୟବର୍ଣ୍ଣଭୁକ୍ତ ଥିବାର ଉଲ୍ଲେଖ କରିଅଛନ୍ତି କିନ୍ତୁ ବଙ୍ଗୀୟ କାୟସ୍ଥ ଆପଣାକୁ କ୍ଷତ୍ରିୟ ଓ ପଶ୍ଚିମାଙ୍କୁ ଶୂଦ୍ର ବୋଲି ଉଲ୍ଲେଖ କରନ୍ତି । ଏ ଉଭୟ ଆବେଦନପତ୍ର ବଡ଼ଲାଟ ମହୋଦୟଙ୍କ ସମ୍ମୁଖରେ ଆଗତ ହେଲେ ସେ କେଉଁକଥାରୁ ବିଶ୍ୱାସ କରିବେ । କଲିକତା ହାଇକୋର୍ଟ ନଜୀର ଅମ୍ଭେ ଦେଖି ନାହୁଁ କିନ୍ତୁ ଜାତିତତ୍ତ୍ୱରେ ତାହା ଶାସ୍ତ୍ରପୁରାଣରୁ ଅଧିକ ମାନ୍ୟବର ହୋଇ ନ ପାରେ । ଏହେତୁ ତାହା ଭ୍ରମଯୁକ୍ତ ଅବା ଅଧିକ ମାନ୍ୟବର ନୁହେ ବୋଲି ବଙ୍ଗୀୟ ଆବେଦନପତ୍ରରେ ଲେଖା ଯାଇଥାନ୍ତା କିମ୍ବା ତାହାର ଉଲ୍ଲେଖ ଆଦୌ ହୋଇ ନ ଥାନ୍ତା । ବଙ୍ଗୀୟ କାୟସ୍ଥ ଆପଣାର ଟେକ ରଖି ପରର ଅବନତି କରିବା ଅନୁଚିତ ଘଟେ । ଆପଣ ଯେ ଲେଖନ୍ତି କି ପଶ୍ଚିମା କାୟସ୍ଥ ହାଇକୋର୍ଟ ନଜୀର ମତେ କ୍ଷତ୍ରିୟଙ୍କୁ ଶୂଦ୍ରକୁ ଅବନତ କରିଅଛନ୍ତି ଏହା ଅଯଥାର୍ଥ ଘଟେ । କାରଣ କ୍ଷତ୍ରିୟ ରୀତିନୀତି ପଶ୍ଚିମାଙ୍କର କେତେକ ଘୃଷ୍ଟ ଗୃହୀତ୍ କେତେକ ପରେ ଉପନୟନ ବିଧି ଓ ପଇତା ଧାରଣ ପ୍ରାଚୀନକାଳରୁ ଚଳି ଆସୁଅଛି ଓ ଏକମାସ ଅଶୌଚ ନାହିଁ କ୍ୱଚିତ୍ କାହାରି ଥିଲେ ଥିବ ମାତ୍ର ବଙ୍ଗୀୟ କାୟସ୍ଥଙ୍କର ଉପନୟନ ଓ ପଇତା କାହାର ନାହିଁ ଓ ସମସ୍ତେ ଏକମାସ ଅଶୌଚ ପାଳନ କରନ୍ତି । ଏହେତୁ ବଙ୍ଗୀୟ କାୟସ୍ଥମାନେ ଶୂଦ୍ରକୁ ଅବନତ ଲଭିଥିବାର ବୋଲାଯାଇ ପାରେ । ସେମାନେ ଅମ୍ଭଙ୍କୁ ଶୂଦ୍ର ଲେଖିଲେ ବୋଲି ଅମ୍ଭେ ଦୁଃଖିତ ନୋହୁଁ । ଅମେଳ ଘଟିବାର ଦୂଷଣ ହେତୁ ଦୁଃଖିତ ହେଉଅଛୁଁ କାରଣ ତାହାର ଭାରତବର୍ଷୀୟମାନଙ୍କର ଏତାଦୃଶ ଅବନତିର ପ୍ରଧାନ କାରଣ ଅଟେ । ଅମ୍ଭ ବିବେଚନାରେ ପଶ୍ଚିମା ଓ ବଙ୍ଗୀୟ କାୟସ୍ଥମାନେ ଓ ଉତ୍କଳୀୟ କରଣମାନେ କ ଯେଉଁମାନେ କାୟସ୍ଥର ଏକଶ୍ରେଣୀ ଅଟନ୍ତି ଏ ସମସ୍ତେ ଏକମେଳ ହେଲେ ଅଧିକ ବଳ ହେବ । ଅନ୍ନାଗଦ ଓ ସମ୍ବନ୍ଧ ବିଷୟ ଅମ୍ଭେ କହୁ ନାହୁଁ । ପଶ୍ଚିମା ବାରଶ୍ରେଣୀଙ୍କ ମଧ୍ୟରେ ଅନ୍ନ ଭୋଜନ ଓ ବିବାହ ସମ୍ବନ୍ଧ ହୁଏ ନାହିଁ । ଏହା ହେବା କାରଣ ଅଠବର୍ଷ ପୂର୍ବେ ପ୍ରସ୍ତାବ ହେବାରୁ ନବଶିକ୍ଷିତ ଦଳ ସମ୍ମତ ହେଲେ ମାତ୍ର ପ୍ରାଚୀନ ଦଳ ଅସମ୍ମତ ହେବାରୁ ତାହା ଭାଙ୍ଗିଗଲା । ଆପଣ ଯେ ଏଥିର ପ୍ରସ୍ତାବ କରନ୍ତି ତାହା ଉତ୍କୃଷ୍ଟତର । ବିଦ୍ୟାଶିକ୍ଷା ଅର୍ଥ ଉପାର୍ଜନ ଇତ୍ୟାଦି ଦ୍ୱାରା ସାମାଜିକ ଉନ୍ନତି ସାଧନରେ ସମସ୍ତେ ଏକ ହୋଇପାରନ୍ତି ଓ ଏହାନ ହେଲେ ଗବର୍ଣ୍ଣମେଣ୍ଟରେ ଅଧିକ ମାନ୍ୟ ହେବ କାରଣ ଅର୍ଥିକ ବଳକୁ ସରକାର ବଡ଼ ସେବା କରନ୍ତି ଏବେ ସମାଜରେ ମଧ୍ୟ ତାହାର ହୋଇଆସୁଅଛି । କ୍ଷତ୍ରିୟ ରୀତିନୀତି ଓ ପଇତା ଅବଲମ୍ବନ ଅଶୌଚ ସଂସ୍କାର ବିଷୟ ଆପଣ ଯେ ଉଲ୍ଲେଖ କରିଅଛନ୍ତି ତତ୍ସଂକ୍ରାନ୍ତ ଅମ୍ଭର ଅନେକ କହିବାର ଅଛି ଓ ପରେ ସେହି ଏଠାରେ ଅମ୍ଭମାନଙ୍କ ମଧ୍ୟରେ ମହାନ୍ତିଙ୍କର ଉପକ୍ରମ ହୋଇ

Digitized by srujanika@gmail.com

Split by PDF Splitter



ଅନ୍ତ ତହିଁର ମୀମାଂସା ଶୀଘ୍ର ଆବଶ୍ୟକ ହେସବୁ କାଗଜରେ ଲେଖିବୁଁ ଇତି।

ମହାଙ୍ଗା } ବଶମ୍ବଦ
୨୮।୯।୦୨ } ଶ୍ରୀ ଜଗନ୍ମୋହନ ଲାଲ

ମୂଲ୍ୟପ୍ରାପ୍ତି।

| | |
|---|---|
| ଶ୍ରୀ ବାବୁ ଛତ୍ରୀବର ପଣ୍ଡା ପେନ୍‌ସ୍ଥାନ ଅଫିସ | ଟ ୩ ( |
| „ ଈଶ୍ୱର ବାବୁ ଉଦାଲଗାଡିଆ | ଟ ୩ ( |
| „ ବାଚକୃଷ୍ଣ ପଣ୍ଡା ପକ୍ଷ ରଘୁନାଥ ପଣ୍ଡା ପଣ୍ଡାରପୁର | ଟ ୩ ( |
| „ ବଳଦେବବର୍ମ ହେଡ଼ପଣ୍ଡିତ କଟକର ବଡ଼ଗଣା | ଟ ୧ ( |
| „ ଗୌରଚନ୍ଦ୍ର ଦେବ ସ୍କୁଲ | ଟ ୪ ( |

## ବିଜ୍ଞାପନ।

## ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ ! !

### ଏ, ଘଟକ ଏଣ୍ଡ କୋମ୍ପାନୀର ଅବ୍ୟର୍ଥ ଔଷଧାବଳୀ।

### ଭାରତବାସୀ ରୋଗୀଙ୍କର ଆଉ ଭୟର କାରଣ ନାହିଁ।

ଶାଲସା ସାଲସ ଓଦକ—ଏହା ସର୍ବୋତ୍କୃଷ୍ଟ ରକ୍ତ ପରିଷ୍କାରକ, ଗାରଦ ଦୋଷନାଶକ ଓ ବଳକାରକ ସାଲସା, ଉପଦଂଶ (ଗରମୀ ବେମାରୀ) ଓ ପାରଦ ବ୍ୟବହାର ଜନିତ ସର୍ବପ୍ରକାର ରୋଗ, କଣ୍ଡୁ, ବାତ, ଦେହ ଘାଆ ଓ ଫୋଡ଼ାର ଜଳାପୋଡ଼ା ଭାବ ଏବଂ ସର୍ବପ୍ରକାର ଚର୍ମରୋଗର ଏହା ଏକମାତ୍ର ମହୌଷଧ। ସ୍ମୃତିବୃଦ୍ଧି ଓ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି କରିବାକୁ ଏହା ଅଦ୍ୱିତୀୟ ଅଟେ। ଦେଶୀ ଓ ବିଦେଶୀ, ବାଳକ ଓ ବୃଦ୍ଧ ସମସ୍ତଙ୍କର ସ୍ୱାସ୍ଥ୍ୟ ନିମନ୍ତେ ନିର୍ଭୟ ଖାଇବାର ଅନୁଗ୍ରହ,

ମୂଲ୍ୟ ଟ ୧୩ ମାସୁଲ ଟ ୦ ୩

ଅଭି ଘନୋରିଆର ମିକ୍ସଚର।—ମୂତ୍ର ଓ ପୁରୁଷ ମେହ, ମୂତ୍ରନଳୀର ପ୍ରଦାହ ଓ କ୍ଷତ, ପ୍ରସ୍ରାବ କାଳୀନ ଜ୍ୱାଳା ଓ ଯନ୍ତ୍ରଣା, ଶୁକ୍ର ଧାତୁସ୍ଖଳନ, ମୂତ୍ରକୃଚ୍ଛ୍ର, ଫୋଟା ଫୋଟା ପୋଡ଼ା ପ୍ରସ୍ରାବ, ଅପରିମିତ ଶୁକ୍ରକ୍ଷୟ, ଦୌର୍ବଲ୍ୟ, ନ୍ୟୁରେଷ୍ଟେନିଆ, ଏବଂ ସବୁପ୍ରକାର ଉପ୍ରଜନ ଔପସର୍ଗିକ ମେହର ଏହା ଏକମାତ୍ର ମହୌଷଧ। ସେବନ ବନ୍ଦକଲେ ଓ ଉତ୍ତେଜନା କରିବାକୁ ଏହା ତୁଲ୍ୟ ଆଉ ଔଷଧ ଅଦ୍ୟାବଧି ହୋଇ ନାହିଁ। ଏହା ସେବନର ଜ୍ୱାଳା ଯନ୍ତ୍ରଣା ୨୪ ଘଣ୍ଟା ମଧ୍ୟରେ ଆରୋଗ୍ୟ ହୁଏ ଏବଂ ରୋଗୀ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୋଇ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ।

ମୂଲ୍ୟ ଟ ୧୩ ମାସୁଲ ଟ ୦ ୩

ସକ୍ଷେଦୋଲ।—ଧାତୁ ଦୌର୍ବଲ୍ୟ, ଧାତୁ ତାରଲ୍ୟ, ସ୍ୱପ୍ନଦୋଷ, ଇନ୍ଦ୍ରିୟ ଶୈଥିଲ୍ୟ, ପୁରୁଷତ୍ୱ ହାନି, ଅକାଳ ବାର୍ଦ୍ଧକ୍ୟ, ବହୁମୂତ୍ର, କୋଷ୍ଠ କାଠିନ୍ୟ ପ୍ରଭୃତି ସାଂଘାତିକ ରୋଗର ଅମୋଘ ମହୌଷଧ। ଏହାକୁ ସେବନ କରିବା ମାତ୍ରେ ଓ ଶରୀରରେ ନବ ଜୀବନ ସଞ୍ଚାରିତ ହୋଇ ସ୍ୱାଭାବିକ ଭାବ ପ୍ରାପ୍ତ ହୁଏ। ଯଦ୍ୟପି ଏହା ସେବନ କରିବା ଦ୍ୱାରା ରୋଗ ଆରୋଗ୍ୟ ନ ହୁଏ ତାହା ହେଲେ ସେଠାରେ ଆଉ ଅନ୍ୟ ଉପାୟ ନାହିଁ।

ମୂଲ୍ୟ ଟ ୧୫ ମାସୁଲ ଟ ୦ ୪

ଶ୍ରୀ ଓଂକାରନାଥ ରୋଗ।—ଏହାକୁ ବ୍ୟବହାର କଲେ ସର୍ବପ୍ରକାର ଧାତୁ, ୨୪ ଘଣ୍ଟା ମଧ୍ୟରେ ଉତ୍ତମ ଆରୋଗ୍ୟ ହୁଏ। ଏହା ତୁଲ୍ୟ ଧାତୁ ଔଷଧ ଜଗତରେ ଅନ୍ୟ ପ୍ରାପ୍ତ ହୁଏ ନାହିଁ। ଥରେ ବ୍ୟବହାର କଲେ ବୁଝି ପାରିବେ।

ମୂଲ୍ୟ ଟ ୦ ୫ ଡାକମାସୁଲ ଟ ୦ ୪

ଠିକଣା—ଏ, ଘଟକ ଏଣ୍ଡ କୋଂ
ନଂ ୫୪ ନୂଆ ଧର୍ମତଳା ଷ୍ଟ୍ରିଟ କଲିକତା

## ବନାରସୀ ମାଲ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କ ବସ୍ତ୍ର ଆବଶ୍ୟକରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ। ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ସୁଲଗଡ଼, ଷଢେଇକଲା, ସୋନପୁର, ପାଟଣା, ଢେଙ୍କାନାଳ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଅଠଗଡ଼, ଖରିଆର, ତାଳଚେର, ବିଜୟପୁର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଚୋପି, ଦୋଶାଲା, କିଂଖାପ, ବାଫ୍ତା, ଅଙ୍ଗୀ, ଦୋପଟ୍ଟା, ମଣ୍ଡିଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରହାର ଖଚିତ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାଣ୍ଡିର ଦାଉଦା ପ୍ରଭୃତି ବରାଦ ଅନୁସାରେ ତିଆରି କରାଇ ଦେଉଁ। ବରାଦ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ। ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ କାଗଜପତ୍ରରେ ଆମ୍ଭର ହସ୍ତଗତ ହେବ।

ରେଲୁଏ ଏବଂ ପାରସଲରେ ମଧ୍ୟ ମାଲ ପଠାଯାଏ କେବଳ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ।

ଶ୍ରୀ ପାଲୁମାଲ ଭୋଳାନାଥ
ଲୁଚ୍ଚଗଲ ଫାଟକ ବନାରସ ସିଟି

## ହିମକୁମୀ ତୈଳ।

ଯେଉଁମାନେ ପଚିଶବର୍ଷ କିମ୍ବା ତତୋଧିକ କାଳ ଉପଦଂଶ ରୋଗାକ୍ରାନ୍ତ (ଗରମିବେମାରି) ହୋଇ କଷ୍ଟ ଭୋଗ କରୁଥିବେ, କିମ୍ବା କୌଣସି ପ୍ରକାର ବିଷାଣ ଖାଇଥିବାରୁ ଯେଉଁମାନଙ୍କର ଅଣ୍ଟୁ ଘଣ୍ଟି ଧରିଥିବ ଅଥବା ଶରୀରରେ ବାତଫୁଟ୍ଟ ଅମ୍ଳବାତ ପ୍ରଭୃତି ଯେ କୌଣସି ପ୍ରକାର ଘା ହୋଇଥିବ ସେମାନେ ଆମ୍ଭର ଏହି ହିମକୁମୀ ତୈଳ ୧ ୩ ନ ମାତ୍ର ମାଲିସ କଲେ ନିଶ୍ଚୟ ଆରୋଗ୍ୟ ଲାଭ କରିବେ। ଏହି ତୈଳ ବ୍ୟବହାରଦ୍ୱାରା ଯାଜପୁର, କଣ୍ଟା ମଧୁପୁର ଓ ନାମଖ୍ୟାତ ପ୍ରଭୃତି ସ୍ଥାନମାନଙ୍କର ଶତ ଶତ ଲୋକ ଆରୋଗ୍ୟଲାଭ କରି ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି। ଯଦି କେହି ଅଗ୍ରୀମ ମୂଲ୍ୟ ଦେଇ ତୈଳ କ୍ରୟ କରିବାକୁ ଅବିଶ୍ୱାସ କରନ୍ତି ତାହା ହେଲେ କୌଣସି ଭଦ୍ରଲୋକଙ୍କୁ ସାକ୍ଷୀ ଜାମିନ ଦେଲେ ଆରୋଗ୍ୟରେ ଔଷଧ ଦିଆଯିବ। ଆରୋଗ୍ୟଲାଭ କଲେ ପଶ୍ଚାତ୍ ମୂଲ୍ୟ ଗ୍ରହଣ କରାଯିବ। ଏହାର ମୂଲ୍ୟ ଟ ୩ ଡାକ ଖର୍ଚ୍ଚ ପ୍ରଭୃତି ଟ ୦ ୫ ଏହା ଛଡ଼ା ଆମ୍ଭ ଔଷଧାଳୟରେ ନାନାବିଧ ରୋଗର ଜଡ଼ିବୁଟୀ ଔଷଧ, ନାନାପ୍ରକାର ତୈଳ, ସ୍ୱର୍ଣ୍ଣ ଭସ୍ମ, ବଟିକା, ଅଶ୍ୱର, ସାଲସା ପ୍ରଭୃତି ବିକ୍ରୟାର୍ଥ ପ୍ରସ୍ତୁତ ଅଛି। ରୋଗର ଲକ୍ଷଣ ଇତ୍ୟାଦି ଜଣାଇଲେ ଉପଯୁକ୍ତ ବ୍ୟବସ୍ଥା ପତ୍ରସହ ଭେଲ୍ୟୁପେୟବଲ ଡାକଯୋଗେ ଔଷଧ ପଠାଯିବ। ଉତ୍ତର ପାଇବାପାଇଁ ରିପ୍ଲାଇକାର୍ଡ କିମ୍ବା ଦୁଇପଇସାର ଡାକଟିକଟ ସହ ନିମ୍ନଲିଖିତ ଠିକଣାରୁ ପତ୍ର ପଠାଇବେ।

ବାହାବଲପୁର } ଶ୍ୟାମବିହାରୀ ଦାସ
ଯାଜପୁର ପୋଃ ଅଃ } କବିରାଜ
କଟକ

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ତଳଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୪ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚ ଟ ୦ ୪ ଠାରୁ ଊଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ।

ଏହି ଉତ୍କଳଦୀପିକା କଟକ ଦର୍ଶକ ଛାପାଖାନାରେ ଶ୍ରୀ ବଞ୍ଚାନିଧି ପଟ୍ଟନାୟକ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com

Split by PDF Splitter



## ସାପ୍ତାହିକ ସମ୍ବାଦ ।

ଗଲ ଗୁରୁବାର ରାତ୍ରି ଠାରୁ ଚ ୧ ଣ ଘୋର ବିଶେଷ ... ଓ ପାଣି ଝଡ଼ ... ଆଜି ... ଦିନ ଦିନ ... ମୋକଦ୍ଦମା ... ପ୍ରଧାନ ... ଲେଖିବାରୁ ... ଯେଉଁମାନଙ୍କ ... ଅପରାଧ ସ୍ୱୀକାର ... ତାହାଙ୍କୁ ... ୧୦ ... ଙ୍କ ... ଜେଲ୍ ... ହୋଇଅଛି ।

[illegible] ... ସମ୍ବାଦ ... ଜର୍ମାନର ... ହୋଇ ... ୫୦୦ ... ହୋଇଅଛି ।—ଜର୍ମାନର ସମ୍ରାଟ ... ମହାରାଜଙ୍କ ... ପ୍ରମାଣ ଦେଇଛନ୍ତି ।

## ବିଜ୍ଞାପନ ।

NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

ମହାକବି ଶାରଳାଦାସଙ୍କ ବିରଚିତ ।

## ମହାଭାରତ ।

ଏହା ଓଡ଼ିଆବାସିଙ୍କର ପରମାଦରଣୀୟ ଗ୍ରନ୍ଥ ଏ ବୃହତ୍ ଗ୍ରନ୍ଥ ଏକାବେଳକେ କ୍ରୟ କରିବା ପାଠକମାନଙ୍କ ପକ୍ଷେ ସୁବିଧାଜନକ ନୁହେଁ ସୁତରାଂ ଖଣ୍ଡ ଖଣ୍ଡ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ସୁବୋଧ ପାଇଁ ପ୍ରଧାନ ପ୍ରଧାନ ... ମାନଙ୍କରେ ... ଦତ୍ତ ହୋଇଅଛି । ଆଦିପର୍ବ ଟ ୨୫ ସଭାପର୍ବ ଟ ୨୫ ବନପର୍ବ ଟ ୨୧ ... ପର୍ବ ଟ ୫ ... ପର୍ବ ଟ ... ଟ ୧। ... ଟ ୦। ... ଓ ... ଟ ... ଅଶ୍ୱମେଧପର୍ବ ଟ ... ମୁଷଳୀପର୍ବ ଟ ... ସ୍ୱର୍ଗାରୋହଣପର୍ବ ଟ ୦ ।

... ରେ ମୁଦ୍ରିତ ହୋଇ କଟକ ... ଷ୍ଟେଶନମାନଙ୍କ ... ରେ ବିକ୍ରୟ ହେଉଅଛି ।

## ବିଜ୍ଞାପନ ।

ପୃଥିବୀରେ ଅଦ୍ୱିତୀୟ ! ଚିକିତ୍ସା ଜଗତର ଯୁଗାନ୍ତର !

ବର୍ତ୍ତମାନ ଜଗତର କୋହିନୁର !!!

ଆମେରିକା ପ୍ରଦେଶସ୍ଥ ନିଉୟର୍କ ନଗରର ବିଖ୍ୟାତନାମା ଡାକ୍ତର ହୁଇଲିୟମ ମେଟଲ ଏମ୍, ଏ, ଏମ୍, ଡି, ସାହେବଙ୍କ ଆବିଷ୍କୃତ

### ଇଲେକ୍‌ଟ୍ରୋସାଲସା !



ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ ହେବାରୁ ଏତଦ୍ଦେଶବାସିମାନଙ୍କର ଅଳ୍ପବୟସଠାରୁ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ଅପରିମିତ ଅତ୍ୟାଚାରଣର ବିଷମୟ ଫଳରୁ ଯେ ସମସ୍ତ ଯନ୍ତ୍ରଣାଦାୟକ ଦୁଃସାଧ୍ୟ ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା ଉପସ୍ଥିତ ହୋଇଥାଏ ତାହାର କବଳରୁ ଦୁର୍ଭାଗ୍ୟ ଭାରତବାସିମାନଙ୍କର ମୁକ୍ତି ଦେବାର କୌଣସି ପ୍ରକୃତ ସ୍ଥାୟୀ କଲ୍ୟାଣକର ଔଷଧ ପ୍ରଚଳିତ କୌଣସି ଚିକିତ୍ସା ପଦ୍ଧତିରେ ଅଦ୍ୟପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ସୁତରାଂ ଚିକିତ୍ସକ ସମ୍ପ୍ରଦାୟ ଓ ଔଷଧ ବ୍ୟବସାୟିମାନଙ୍କ କର୍ତ୍ତବ୍ୟାନୁରୋଧରେ ବା ସ୍ୱାର୍ଥର ବଶବର୍ତ୍ତୀରେ ଯେ କେବଳ ଠକାଇ ଆସୁଅଛନ୍ତି ତାହା ନୁହେଁ ! ଅଯଥା ଉଗ୍ର ଔଷଧର କ୍ରିୟାରେ ବିପରୀତ ଫଳ ହେବାର ଦେଖାଯାଏ; ସ୍ଥଳବିଶେଷରେ ଯଦି ତତ୍କ୍ଷଣ ଚିକିତ୍ସକଙ୍କ ଔଷଧରେ ଉପକାର ଦେଖାଯାଏ ସତ୍ୟ ! କିନ୍ତୁ ସାମାନ୍ୟ ଅତ୍ୟାଚାରରେ ବା ସ୍ୱାସ୍ଥ୍ୟର ଅନିୟମରେ ପୁନରାକ୍ରମଣ ହୋଇଥାଏ । ଏହି ସକଳ ଅବସ୍ଥା ପର୍ଯ୍ୟାଲୋଚନା କରି ତାହାର ପ୍ରକୃତ ଔଷଧ ଆବିଷ୍କାର କରିବାରେ ଗତ ବ ୧୮ ବର୍ଷ ବ୍ୟାପୀ ଆମ୍ଭମାନଙ୍କ ଅବିରତ ଅକ୍ଲାନ୍ତ ଅଧ୍ୟବସାୟ, ଅମାନୁଷିକ ପରିଶ୍ରମ, ଅଜସ୍ର ଅର୍ଥ ବ୍ୟୟ, ବହୁ ଅନୁସନ୍ଧାନ ଓ ପରୀକ୍ଷା ଫଳରେ ହିମାଳୟ ପର୍ବତର ଉପତ୍ୟକା ଭୂମିରୁ ଉତ୍ପନ୍ନ ଆଶ୍ଚର୍ଯ୍ୟ କେବଳ ଗୁଣାନ୍ୱିତ ବେଟେଲ ଦୁଷ୍ପ୍ରାପ୍ୟ ଲତା ଗୁଳ୍ମର ନିର୍ଯ୍ୟାସର ସହିତ ରକ୍ତ ପରିଷ୍କାରକ, ଧାତୁପୋଷକ, ଶୁକ୍ରବର୍ଦ୍ଧକ, ପାରଦଦୋଷ ନାଶକ, ପୁଷ୍ଟିକର, ମେଧା ଓ ସ୍ମୃତିଶକ୍ତି ବୃଦ୍ଧିକର ପ୍ରଭୃତି ସ୍ୱାସ୍ଥ୍ୟ ଓ ଶରୀର ସଂରକ୍ଷଣ ଉପଯୋଗୀ ୭୨ ପ୍ରକାର ଦେଶୀ ଓ ବିଲାତି ଔଷଧର ସାରଭାଗ ଏକତ୍ରିତ କରି ଇଲେକ୍‌ଟ୍ରୋ ଅର୍ଥାତ୍ ତାଡ଼ିତଶକ୍ତି ସଂଯୋଗେ ନୂତନ ରାସାୟନିକ ପ୍ରକରଣେ ଏହି ଇଲେକ୍‌ଟ୍ରୋ ସାଲସା ଆବିଷ୍କୃତ ହୋଇ ଏତେଦିନ ପରେ ଚିକିତ୍ସା ଜଗତରେ ଏକ ମହତ୍ ଅଭାବ ଦୂରୀଭୂତ ହୋଇଅଛି । ଜନସାଧାରଣ ହତାଶ ପ୍ରାଣରେ ଏକ ଆଶାର ପ୍ରଦୀପ ଜଳି ଉଠିଅଛି !!!

ଆସିଆ, ଇଉରୋପ, ଆମେରିକା, ଅଷ୍ଟ୍ରେଲିଆ ପ୍ରଭୃତି ମହାଦେଶମାନଙ୍କର ପ୍ରସିଦ୍ଧ ଚିକିତ୍ସକ ଓ ଜନସାଧାରଣ ମୁକ୍ତକଣ୍ଠରେ ଘୋଷଣା କରୁଅଛନ୍ତି ଯେ ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା ରୋଗର ଏପରି ସର୍ବଗୁଣ ସମ୍ପନ୍ନ, ସ୍ଥାୟୀ କଲ୍ୟାଣପ୍ରଦ, ସଦ୍ୟଫଳପ୍ରଦ, ସୁଖସେବ୍ୟ, ନିର୍ଦ୍ଦୋଷ, ଔଷଧ ଆଉ ଦ୍ୱିତୀୟ ନାହିଁ । ବାଲ୍ୟସ୍ୱଭାବ ସୁଲଭ ଦୋଷରେ ଅସ୍ୱାଭାବିକ ମୈଥୁନରେ ବା ଅପରିମିତ ଅପବିତ୍ର ସଂସର୍ଗରେ କିମ୍ବା ଅଧିକ ଅଧ୍ୟୟନରେ ଅଧିକ ଚିନ୍ତାରେ ଅଧିକ ରାତ୍ର ଜାଗରଣରେ, ଶାରୀରିକ ଓ ମାନସିକ ପରିଶ୍ରମର ବାହୁଲ୍ୟରେ, ଦୀର୍ଘକାଳବ୍ୟାପୀ ପ୍ରଖର ସୂର୍ଯ୍ୟୋତ୍ତାପେ ଭ୍ରମଣରେ ଅସ୍ୱାସ୍ଥ୍ୟକର ସ୍ଥାନରେ ବାସ, ପାରଦ ମିଶ୍ରିତ ବା ଉତ୍ତେଜକ ବିଶିଷ୍ଟ ଔଷଧ ସେବନରେ, କିମ୍ବା ମ୍ୟାଲେରିଆ ଓ ଉପଦଂଶ ବିଷ ପ୍ରଭୃତି ଶରୀରରେ ପ୍ରବେଶ ହେବା କାରଣରୁ ଯଦି—

ଶୁକ୍ର ଦୂଷିତ ହୋଇ—ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ଶୁକ୍ରର ତରଳତା, ଅଳ୍ପ ବା ଅଳ୍ପ ଉତ୍ତେଜନାରେ ରେତଃପାତ, ସହବାସରେ ସମ୍ପୂର୍ଣ୍ଣ ବା ଅସମ୍ପୂର୍ଣ୍ଣରୂପେ ଅକ୍ଷମ, ରତିଶକ୍ତି ହୀନତ ସ୍ନାୟବୀୟ ଅଙ୍ଗର କୋମଳତା, ମେହ, ପ୍ରମେହ, ଶୁକ୍ରମେହ, ପ୍ରସ୍ରାବଯନ୍ତ୍ରଣା, ପ୍ରସ୍ରାବ ସଙ୍ଗରେ ସ୍ୱପ୍ନାବସ୍ଥାରେ ଅବା ଅଲକ୍ଷରେ ଶୁକ୍ରପତନ, ଲୁଗାରେ ଦାଗ ଲାଗିବା, ସ୍ୱପ୍ନଦୋଷ, ମଳର ବେଗରେ ଶୁକ୍ର ନିର୍ଗତ ହେବା, ଶୁକ୍ରର ସନ୍ତାନ ଉତ୍ପତ୍ତି ଶକ୍ତିର ଅଭାବ, ଧାରଣା ଶକ୍ତିର ହାନି, ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନ ମାତ୍ରେ କିମ୍ବା ସାମାନ୍ୟ ସହବାସରେ ଶୁକ୍ରପାତ, ମୂତ୍ରକୃଚ୍ଛ୍ରତା, ମୂତ୍ରନଳୀରୁ ଅଳ୍ପ ୨ ବା ଅଧିକ ପରିମାଣରେ ପ୍ରସ୍ରାବ ହେବା, ବହୁମୂତ୍ର ପ୍ରସ୍ରାବ ଲାଲ ବା ଗୋଳିଆ ହେବା, ସ୍ମରଣ ଓ ଚିନ୍ତାଶକ୍ତିର ହ୍ରାସ, କେଶର ଅକାଳ ପକ୍ୱତା, ଚିଡ଼ଚିଡ଼ା ସ୍ୱଭାବ, ସାମାନ୍ୟ କାରଣରୁ କୋପ, କର୍ତ୍ତବ୍ୟ କାର୍ଯ୍ୟରେ ଅନିଚ୍ଛା, ସାହାସ ଓ ଉଦ୍ୟମ ହୀନତା, ସାମାନ୍ୟ ପରିଶ୍ରମରେ ବା ନିଦ୍ରାର ସମୟରେ ଘର୍ମ ନିର୍ଗତ ହେବା, ମସ୍ତିଷ୍କର ପଶ୍ଚାତ୍

Digitized by srujanika@gmail.com

ସ୍ଥୂଳତା ଓ ଦୁର୍ବଳ ଓ ସେହି ନିମିତ୍ତ ମସ୍ତିଷ୍କ ତନ୍ତୁ କୋଷ୍ଠର ଗତି, ଦେହ ରୁକ୍ଷ, ଶୁଷ୍କ ଓ ଶ୍ରୀହୀନ କ୍ଷୁଧାହୀନତା, ପରିପାକ ଶକ୍ତିର ଶୈଥିଲ୍ୟ, ଅମ୍ଳ, ଖଟି ଚଳିବା, କୋଷ୍ଠବଦ୍ଧ ବସ୍ତୁକଷ୍ଟନ, ହାତ, ଗୋଡ଼ ଓ ଚକ୍ଷୁଜ୍ୱାଳା, ମୁଣ୍ଡବୁଲା, ଚିତ୍ତ ଚାଞ୍ଚଲ୍ୟ ଇତ୍ୟାଦି ବୋଧହେବା ପ୍ରଭୃତି ଶୁକ୍ରଜ ରୋଗ ବା ତତ୍ସହ ଉପସର୍ଗ ଆକ୍ରମଣ କରିଥାଏ କିମ୍ବା ସେହି ସବୁ କାରଣରେ ଯଥା—

ରକ୍ତ ଦୂଷିତ ହୋଇ—ରକ୍ତ ପିତ୍ତର ଦୁଷ୍ଟି, ଶ୍ଳୀପଦବୃଦ୍ଧି, ଉପଦଂଶ ( ଗର୍ମି ) ବାତରକ୍ତ, ଅମ୍ଳପିତ୍ତ, ଭାଙ୍ଗିକଣ୍ଡୁ, ବାଗି, ନାକ ଓ ମୁଖର ଭିତରେ କିମ୍ବା ଜନନେନ୍ଦ୍ରିୟ, କୋଷ ଓ ନାଶ ପ୍ରଭୃତି ସ୍ଥାନରେ ଘା, ପାରଦ ଘା, ନୂତନ ପୁରାତନ ନାଲି ଘା, ଖୋସହେବା, କାଛୁ, କାଉର, ଭଗନ୍ଦର, ଶୂଳ, ଦାଦୁ, ପ୍ରଭୃତି ଦୁର୍ଦ୍ଦମନୀୟ ଚର୍ମରୋଗ, କୁଷ୍ଠ, ସ୍ନାୟୁଗତ ବାତ, ଜଙ୍ଘା, ହାଣ୍ଟୁ, କଟି, ସ୍କନ୍ଧ, ହସ୍ତ, ପାଦ ଓ ସନ୍ଧି ସନ୍ଧିର ଫୁଲିବା, ବେଦନା, କନକନ କରିବା, ମୋଡ଼ି ହୋଇଯିବା, ସେଥିନିମିତ୍ତ ଚଳନଶକ୍ତିର ହ୍ରାସ, ଦନ୍ତମୂଳ ଫୁଲା ଓ ବ୍ୟଥା, ଦନ୍ତ ଶିଥିଳ ମୁଖରେ ଦୁର୍ଗନ୍ଧ, ଶରୀର ନାନାସ୍ଥାନରେ ସାମୟିକ ବା ଅସାମୟିକ ଘାମ ବା ଗରମି ଜ୍ୱର ଲାଗିଥିବା ହାତର ବା ଗୋଡ଼ ତଳିପାରେ ଚମଡ଼ା ଉଠା କିମ୍ବା ସ୍ଥାନବିଶେଷେ ସାଦା ୨ ବା କଳା କଳା ଚିହ୍ନ, କୁଣ୍ଡାଇ ହୋଇ ଫୁଲି ଉଠିବା, ଚକ୍ଷୁରୁ ଜଳ ପଡ଼ିବା, କୃଶତା, ରକ୍ତହୀନତା, ଶୋଥ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ ପ୍ରଭୃତି ରକ୍ତସମ୍ବନ୍ଧୀୟ ପୀଡ଼ା ବା ତତ୍ସହ ଉପସର୍ଗ ଆକ୍ରମଣ ହୋଇଥାଏ, କିମ୍ବା ଉଭୟବିଧ ରୋଗସମୂହର କୌଣସି ୨ ଲକ୍ଷଣ ପ୍ରକାଶ ପାଇଥାଏ, ତେବେ ଏହି ସାଲସା ସେବନ କର, ତାଡ଼ିତଶକ୍ତିର ପ୍ରଭାବରେ ସଙ୍ଗେ ୨ ଶୁଭଫଳ ଫଳିବ। କୋଷ୍ଠ ପରିଷ୍କାର ହେବ, କ୍ଷୁଧା ବୃଦ୍ଧି ହେବ। ଚିତ୍ତ ପ୍ରଫୁଲ୍ଲ ହେବ ଏବଂ ଏକମାତ୍ରା ଔଷଧ ଏକ ମୋଦକ ଅପେକ୍ଷା ଅଧିକ ଅନୁମାନ ହେବ। ଏକ ସପ୍ତାହରେ ଆଶାତୀତ ଉପକାର ଜଣାଯିବ ଏବଂ ରୋଗୀର ବୟସ ଓ ରୋଗର ଅବସ୍ଥା ଓ ଭେଦ ୨ ଥିଲେ ପ୍ରକୃତି ଭେଦେ ୩ ସପ୍ତାହଠାରୁ ୬ ସପ୍ତାହ ମଧ୍ୟରେ ସମୂଳେ ସମ୍ପୂର୍ଣ୍ଣରୂପେ ନିଶ୍ଚୟ ସ୍ଥାୟୀ ଆରୋଗ୍ୟ ଲାଭ ହୋଇ, ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହେବ, ଦେହର ଲାବଣ୍ୟ ବୃଦ୍ଧି ହେବ, ରତିଶକ୍ତିର ସମ୍ପୂର୍ଣ୍ଣ ବିକାଶ ପାଇବ, ସମ୍ଭୋଗରେ କ୍ଷମତା ଜନ୍ମିବ ବା ଧାରଣଶକ୍ତିର ବୃଦ୍ଧି ହେବ। ଦୂଷିତ ରକ୍ତ ଶୋଧନ ହୋଇ ନୂତନ ରକ୍ତକଣିକା ଉତ୍ପନ୍ନ ହେବ। ଶାରୀରିକ ଓ ମାନସିକ ଦୌର୍ବଲ୍ୟ ଏବଂ ଅବସନ୍ନତା ଦୂରୀଭୂତ ହୋଇ ଯୌବନ କାଲୋ-ଚିତ ସ୍ୱାଭାବିକ ବଳ ବୀର୍ଯ୍ୟ ଓ ନଷ୍ଟସ୍ୱାସ୍ଥ୍ୟ ପୁନର୍ବାର ଫେରି ପାଇବ ଏବଂ ଆଜୀବନ ତାହା ଅଟଳ ରହିବ।

ଇଂଲଣ୍ଡରେ ଲୁହାସାଲସାରେ ଯେ ଏହା ତୁମ୍ଭ ରୋଗର ଏକମାତ୍ର ପ୍ରକୃତ ମହୌଷଧ; ଯେହେତୁ ପୃଥିବୀସ୍ଥ ଯାବତୀୟ ପ୍ରସିଦ୍ଧ ୨ ଚିକିତ୍ସାଳୟ ସମୂହରେ ଏହି ସାଲସା ସର୍ବଦା ବ୍ୟବହୃତ ହୋଇ ଉଷଧେଶ୍ରେଷ୍ଠ କାର୍ଯ୍ୟକାରିତା ଶକ୍ତିର ଅବ୍ୟର୍ଥ ପ୍ରମାଣ ହୋଇଯାଇଅଛି। ସେହି ହେତୁରୁ ଚିକିତ୍ସାଜଗତରେ ଏହା ଶୀର୍ଷସ୍ଥାନ ଅଧିକାର କରିଅଛି ଏବଂ ଲକ୍ଷ ୨ ପ୍ରଶଂସାପତ୍ର ଲାଭ କରିଅଛି ଏଥିରେ କୌଣସି ପ୍ରକାର ବିଷାକ୍ତ ବା ମାଦକଦ୍ରବ୍ୟର ସଂସ୍ରବ ନ ଥିବାରୁ ଆବାଳ ବୃଦ୍ଧ ବନିତା ସମସ୍ତ ଅବସ୍ଥାରେ ଓ ସକଳ ଋତୁରେ ନିର୍ଭୟରେ ସେବନ କରିପାରନ୍ତି। ବିଶେଷତଃ ସ୍ନାନ, ଆହାର, ଓ ପଥ୍ୟାପଥ୍ୟର ବିଶେଷ କୌଣସି କଠିନ ନିୟମ ନ ଥିବାରୁ ପୀଡ଼ିତ ଲୋକର ଏହା ଏକମାତ୍ର ବନ୍ଧୁ! ଧନୀ ଦରିଦ୍ର ସମାନ ଅଧିକାର!!

ତୁମ୍ଭେ ପୀଡ଼ିତ ଥାଅ—ଏହି ସାଲସା ସେବନ କର ସତେଜରେ, ସ୍ୱଚ୍ଛନ୍ଦରେ, ଚିକିତ୍ସକର ବିନା ସାହାଯ୍ୟରେ, ଅଳ୍ପ ସମୟ ମଧ୍ୟରେ ରୋଗୋନ୍ମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ।

ତୁମ୍ଭେ ଭଲ ଥାଅ—ଏହି ସାଲସା ପ୍ରତ୍ୟହ ଏକମାତ୍ରା ଦୁଗ୍ଧ ସହିତ ମିଶ୍ରିତ କରି ସେବନ କର, ଶରୀରସ୍ଥ ସପ୍ତଧାତୁର ଉତ୍କର୍ଷ ସାଧିତ ହେବ; ସହଜରେ ରୋଗ ଆକ୍ରମଣ କରି ପାରିବ ନାହିଁ ଏବଂ ଅଯଥା ଅତ୍ୟାଚାରରେ ମଧ୍ୟ ଶୁକ୍ର ବା ରକ୍ତ ସମ୍ବନ୍ଧୀୟ ପୀଡ଼ା ଉତ୍ପନ୍ନ ହେବ ନାହିଁ।

ବିଶେଷ ଦ୍ରଷ୍ଟବ୍ୟ—ଇଲେକ୍ଟ୍ରୋ ସାଲସାର ଅଲୌକିକ ଶକ୍ତି ପ୍ରଭାବରେ ଦେଶବାସୀ ବହୁଳ ପ୍ରଚାର ଓ ଅସମ୍ଭବ ବିକ୍ରୟ ଦେଖି ପ୍ରତାରକ ଔଷଧ ବ୍ୟବସାୟୀମାନେ ଜାଲ କରୁଅଛନ୍ତି। ସେଥି ନିମନ୍ତେ ଏହି ଟ୍ରେଡମାର୍କ ଗବର୍ଣ୍ଣମେଣ୍ଟଙ୍କ ଆଇନାନୁସାରେ ରେଜିଷ୍ଟରି କରାହୋଇଅଛି, ଏବଂ ପ୍ରତ୍ୟେକ ଶିଶିର ଲେବଲ ଉପରେ ଏହା ସଂଯୁକ୍ତ ଅଛି। ଯେଉଁଥିରେ ଉକ୍ତ ଟ୍ରେଡମାର୍କ ନାହିଁ ତାହା କୃତ୍ରିମ, ଯେ କେହି ଉକ୍ତ କୃତ୍ରିମକାରୀଙ୍କୁ ଧରାଇ ଦେଇ ପାରିବେ, ଅଥବା ଆମ୍ଭମାନଙ୍କ ଇଲେକ୍ଟ୍ରୋସାଲସାର ବର୍ଣ୍ଣିତ ଗୁଣ ନାହିଁ ବୋଲି ପ୍ରମାଣ ଦେଇପାରିବେ ତାହାଙ୍କୁ ଟ ୧୦୦୦ ୯ କା ପୁରସ୍କାର ପ୍ରଦାନ କରାଯିବ

ମୂଲ୍ୟାଦି—ଇଂରାଜୀ, ବଙ୍ଗଳା, ଉତ୍କଳଭାଷାର ବ୍ୟବସ୍ଥାପତ୍ର ସହିତ ଏକ ସପ୍ତାହ ସେବନୋପଯୋଗୀ ପ୍ରତ୍ୟେକ ଶିଶି ଇଲେକ୍ଟ୍ରୋ ସାଲସାର ମୂଲ୍ୟ ଟ ୨ ୯ କା ୩ ଶିଶି ୫ ୫୦, ୬ ଶିଶି ଟ ୧୦, ଡଜନ ଟ ୨୦ ୯, ଓ ୩ ଡଜନ ଟ ୫୦ ୯

ପ୍ୟାକିଂ—ଏକ ଶିଶିଠାରୁ ବାର ଶିଶି ପର୍ଯ୍ୟନ୍ତ ଦୁଇଅଣା. ଡାକମାସୁଲ ପ୍ରତ୍ୟେକ ଶିଶି ଟ ୦ ୫, ତିନ ଶିଶିରେ ଟ ୧ ୯, ୬ ଶିଶିରେ ଟ ୧ ୫, ଡଜନ ଟ ୩ ୯।

ପ୍ରତାରଣାର ଭୟରେ ଆମ୍ଭେମାନେ କୌଣସିଠାରେ ଏଜେଣ୍ଟ ନିଯୁକ୍ତ କରି ନାହୁଁ। ସକଳ ଔଷଧ ଆମ୍ଭମାନଙ୍କର ମେଡ଼ିକାଲ ଲେବୋରେଟରିଠାରୁ ନିଜ ତତ୍ତ୍ୱାବଧାନରେ ବିକ୍ରୀତ ହୁଏ ଓ ସର୍ବତ୍ର ପ୍ରେରିତ ହୁଏ। ମଫସଲବାସୀମାନେ ଯେ କୌଣସି ଭାଷାରେ ଦେଶ ପତ୍ରଦ୍ୱାରା ଆପଣାର ନାମ ଓ ଗ୍ରାମ, ଡାକଘର ଏବଂ ଜିଲ୍ଲା, ଜେଲେ ଶିଘ୍ର ଅବଶ୍ୟକ ଲେଖି ପଠାଇଲେ ଭିଃପିଃ ଡାକ ଦ୍ୱାରା ଔଷଧ ପଠାଇ ନିର୍ଦ୍ଦିଷ୍ଟ ମୂଲ୍ୟ ଆଦାୟ କରାଯାଏ।

ଆମ୍ଭମାନଙ୍କର ପତ୍ରାଦି ପଠାଇବାର ଠିକଣା

W. MAJOR & Co, Barabazar Medical Laboratory Calcutta } ଡବ୍ଲିଉ, ମେଜର ଏଣ୍ଡ କୋ ବଡ଼ବଜାର ମେଡ଼ିକାଲ ଲେବୋରେଟରି କଲିକତା।

*TELIGRAPHIADDRESS.*

"MAJOR" Calcutta

ସର୍ବପ୍ରକାର ଔଷଧ ଛଡ଼ା ଡାକ୍ତରମାନଙ୍କ ଆବଶ୍ୟକୀୟ ସକଳ ପ୍ରକାର ଦ୍ରବ୍ୟ ଉଚିତ ମୂଲ୍ୟରେ ଆମ୍ଭମାନଙ୍କ ଏଜେନ୍ସି ବିଭାଗଠାରୁ ସରବରାହ କରାଯାଏ, ଘଡ଼ି ଓ ବାଦ୍ୟଯନ୍ତ୍ରାଦି ସୁଲଭ ମୂଲ୍ୟରେ ମରାମତ କରାଯାଏ।

## ବିଜ୍ଞାପନ।

## ପ୍ରାଚୀନ ଅବ୍ୟର୍ଥ ମହୌଷଧ

ମୂଲ୍ୟ ପ୍ରତିବଟୀ ଟ ୦ ।୯ ଦୁଇଅଣା ମାତ୍ର ଏକଟିକାଠାରୁ ଛ ଟିକା ପର୍ଯ୍ୟନ୍ତ ଟ ୦। ଚାରିଅଣା ମାତ୍ର। ସର୍ବପ୍ରକାର ବଦ୍ଧ ରୋଗର ଏହାପରି ଉତ୍କୃଷ୍ଟ ଶୀଘ୍ର ଜ୍ୱାଳା ଯନ୍ତ୍ରଣା ନିବାରକ ଆଶୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖାଯାଇ ନାହିଁ। ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି।

ଔଷଧ ଲୋଡ଼ଣାର୍ଥି ମାନଙ୍କେ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ ଧାମ ଡାକଘର ଜିଲ୍ଲା ଏବଂ କାହାର କେତେ ବଟୀ ଔଷଧ ଆବଶ୍ୟକ ତା ଲେଖିଲେ ଔଷଧ ପଠାଇବାର ଦାମ ବସ୍ତୁ ଉପସ୍ଥିତ ହୁଏ

ପ୍ରାପ୍ତିସ୍ଥାନ।

ଶ୍ରୀ ଶ୍ୟାମଚରଣ ସେନ

ଦେଶ ଉତ୍କଳ ପ୍ରେସ, ବାଲେଶ୍ୱର

[illegible] ମୂଳ ପତ୍ର ଦେଖ

Split by PDF Splitter

Digitized by srujanika@gmail.com

Split by PDF Splitter

STERED No. C. 81.

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

ଭା ୩୭ ୧ | ସଂ ୪୧ ସଂଖ୍ୟା

CUTTACK, SATURDAY THE 12TH OCTOBER 1901.
୨୬ ଶ ଆଶ୍ୱିନ ସନ ୧୩୦୯ ସାଲ ଶନିବାର

ଅଗ୍ରିମ ୪ ଟଙ୍କା
ପଶ୍ଚାଦେୟ ୪ ୬ ୯

## WANTED.

A Tenth- Master for the Puri Zilla School for six months. Salary Rs. 15 a month. Preference will be given to a qualified Mahamedan candidate.

Cuttack The October 1901, } JAGABANDHU LAHA *Inspector of schools, Orissa Division.*

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## WANTED.

An Amin for surveying the demarcated boundaries of the forests of the Angul Division Orissa for a period of four months. The pay while employed on field work will be at Rs. 20 per mensem and when engaged at Head-quarters on plotting work at Rs. 15 per mensem. Applications for the post will be received by the undersigned up to the 31st October, 1901.

Dated Angul 23—9—1901. } Sd, R. G. HANNAH *Extra Assistant Conservator of Forests, Angul Division.*

## NOTICE.

Applications are invited for the following Temporary appointments in connection with the revenue settlement of the Baramba Killa to be undertaken from the beginning of the next Calender year. Applicants to state age, qualification, and past services. Preference to be shown to those who have served creditably in the Orissa Settlement. Application to reach the undersigned before the 31st October next.

| | |
|---|---|
| One Kanongoe | at Rs. 75 per month |
| One Head Moharir | @ Rs. 40 „ |
| One Moharir | @ Rs. 25 „ |
| One Nazir | @ Rs. 15 „ |
| Four Surveyors for laying out village boundaries | @ Rs. 25 each „ |
| Four Head Amins | @ Rs. 15 each „ |
| Forty Amins | @ Rs. 12 each „ |

Baramba Manager's Office. Dated the 7th September 1901 } M. M. PATNAIK *Manager*

## ବିଜ୍ଞାପନ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ନିମ୍ନପ୍ରାଇମେରୀ, ଉଚ୍ଚପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର, ମାଇନର ଏବଂ ଏଣ୍ଟ୍ରେନ୍ସ ସ୍କୁଲର ଆବଶ୍ୟକ ଓଡ଼ିଆ ଇଂରାଜୀ, ବଙ୍ଗଳା ଓ ସଂସ୍କୃତ ପାଠ୍ୟ-ପୁସ୍ତକ ଉଚିତ ମୂଲ୍ୟରେ ବିକ୍ରୟ ହେଉଅଛି । ଏହା ଛଡା ନାନାପ୍ରକାର କୁଇଲପେନ, ହୋଲ୍ଡର, ଜବ, ନାନାମୀ ସାଦା ଚିଠିଲେଖା କାଗଜ ଓ ଲଫାପା, କାଳାଗଙ୍ଗର ଦୁଆତ, କାଲି, ରବର, ପେନସିଲ, ଅର୍ଥାତ୍ ସ୍କୁଲ ଏବଂ ସରକାରୀ ଓ ବେସରକାରୀ ଅଫିସରେ ବ୍ୟବହାରଯୋଗ୍ୟ ସମସ୍ତ ସରଞ୍ଜାମମାନ ସୁଲଭମୂଲ୍ୟରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କ ନିକଟକୁ ରେଲରେ ଓ ଷ୍ଟିମାରରେ ଜିନିସ ପଠାଯାଏ । ପୁସ୍ତକର ଓ ଅନ୍ୟ ଜିନିସର ଲିଷ୍ଟ ପୃଥକ ଛପା ହୋଇ ବିନା ମୂଲ୍ୟରେ ଦିଆଯାଏ । ମୋଫସଲର ଗ୍ରାହକମାନେ ଗୋଟିଏ ପୋଷ୍ଟକାର୍ଡ ଲେଖି ପଠାଇଲେ ସେମାନଙ୍କ ନିକଟକୁ ଲିଷ୍ଟ ପଠାଯିବ । ଇତି

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ

ବାଳକ ବାଳିକାମାନଙ୍କ ଉପଯୋଗୀ ନୂତନ ପୁସ୍ତକ ।

## ଉତ୍କଳର କାହାଣୀ ।

ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ ବି, ଏ, ସଙ୍ଗୃହୀତ, ୮୬ ପୃଷ୍ଠାରେ ସମାପ୍ତ—ମୂଲ୍ୟ ଦୁଇଅଣା । କଟକ ବାଲୁବଜାର ଉତ୍କଳ ସାହିତ୍ୟ ଅଫିସରେ, କଟକର ପ୍ରଧାନ ପୁସ୍ତକ ଦୋକାନମାନଙ୍କରେ, ପୁରୀ ହରଚଣ୍ଡୀ ସାହି ସ୍କୁଲର ହେଡ୍‌ପଣ୍ଡିତ ଶ୍ରୀ କାଶୀନାଥ ମହାପାତ୍ରଙ୍କଠାରେ, ବାଲେଶ୍ୱର ଟ୍ରେନିଂ ସ୍କୁଲର ଶିକ୍ଷକ ଶ୍ରୀ ନାରାୟଣ ମିଶ୍ରଙ୍କ ଠାରେ ଏବଂ ସମ୍ବଲପୁର ନନ୍ଦପଡାରେ ଶ୍ରୀ ବୃନ୍ଦାବନ ମିଶ୍ରଙ୍କଠାରେ ମିଳିବ ।

## ବିଜ୍ଞାପନ ।

## ଯାଦୁର ଅବ୍ୟର୍ଥ ମହୌଷଧ

ମୂଲ୍ୟ ପ୍ରତିଡବା ଟ° ।୶ ଛଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟ°। ଦୁଇଅଣା ମାତ୍ର । ସର୍ବପ୍ରକାର ଦଦ୍ରୁରୋଗର ଏହାପରି ଉତ୍କୃଷ୍ଟ ପୁଣି ଜ୍ୱାଳା ଯନ୍ତ୍ରଣା ରହିତ ଆଶୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି

ଔଷଧ ଗ୍ରହଣାର୍ଥୀ ମାନଙ୍କେ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ ଧାମ ଡାକଘର ଜିଲ୍ଲା ଏବଂ କାହାର କେତେ ଡବା ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାର ନାନା ବନ୍ଧ ଉପସ୍ଥିତ ହୁଏ

ପ୍ରାପ୍ତସ୍ଥାନ ।

ଶ୍ରୀ ରାମତାରକ ସେନ
ଦେଶ ଉତ୍କଳ ପ୍ରେସ, ବାଲେଶ୍ୱର

Digitized by srujanika@gmail.com

Split by PDF Splitter



ଦୁର୍ଗୋତ୍ସବାଦି ପର୍ବ ଉପଲକ୍ଷରେ ଦେବାନୀ ଅଦାଲତମାନ ଅଦ୍ୟଠାରୁ ବନ୍ଦ ହେଲା । ଆସନ୍ତା ନବେମ୍ବର ମାସ ତା ୧୪ ରିଖ ଗୁରୁବାର ଫିଟିବ । ଫଉଜଦାରୀ କଲେକ୍ଟରୀ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟମାନ ଆସନ୍ତା ଗୁରୁବାରଠାରୁ ତ ୧୨ ଦିନ ବନ୍ଦ ରହି ଏହି ମାସ ତା ୨୯ ରିଖ ମଙ୍ଗଳବାର ଫିଟିବ । କଟକ ପ୍ରିଣ୍ଟିଂ କମ୍ପାନୀଙ୍କର କାର୍ଯ୍ୟାଳୟ ଆସନ୍ତା ଶୁକ୍ରବାରଠାରୁ ତା ୨୯ ରିଖ ମଙ୍ଗଳବାର ପର୍ଯ୍ୟନ୍ତ ବନ୍ଦ ରହିବ । ସୁତରାଂ ଆଗାମୀ ଦୁଇ ସପ୍ତାହ ଉତ୍କଳଦୀପିକା ବାହାରିବ ନାହିଁ । ଛୁଟି ଶେଷରେ ନିୟମିତରୂପେ ପାଠକମାନଙ୍କ ସହିତ ସାକ୍ଷାତ କରିବୁଁ । ପର୍ବକାଳ ଆନନ୍ଦରେ ଅତିବାହିତ ହେଉ ଏହାର କାମନା ।

———

ମୟୂରଭଞ୍ଜ ଷ୍ଟେଟର ସନ ୧୮୯୯-୧୯୦୦ ସାଲର ବାର୍ଷିକ ବିବରଣୀ ଏକଖଣ୍ଡ ପ୍ରାପ୍ତ ହେବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ବର୍ଷ ଶେଷ ହେବାର ଦେଢ଼ବର୍ଷ ଉତ୍ତାରୁ ଏହା ବାହାରିଅଛି ଏବଂ ଏ ବିଷୟରେ ପୂର୍ବ ବର୍ଷର ବିବରଣୀଠାରୁ ବିଶେଷ ଉତ୍କୃଷ୍ଟ ହୋଇ ନାହିଁ । ବିବରଣୀଟି ବୃହତ ଅଟେ ଏବଂ ସାବଧାନ ସହିତ ପ୍ରସ୍ତୁତ ହେବାର ଜଣା ଯାଏ ।

———

ଗତ ସରକାରୀ ରିପୋର୍ଟରୁ ପ୍ରକାଶ ଯେ ସ୍ଥଳରେ ଏ ବର୍ଷ ବର୍ଷାକାଳରେ ଊଣା ବୃଷ୍ଟି ହୋଇଥିଲେହେଁ ଭାରତର ଅଧିକାଂଶ ସ୍ଥଳରେ ଏତେ ସାମାନ୍ୟ ଊଣା ହୋଇଅଛି ଯେ ତାହା ଧର୍ତ୍ତବ୍ୟ ନୁହେ । କେବଳ ପଞ୍ଜାବର ଦକ୍ଷିଣ ଓ ପଶ୍ଚିମ ଭାଗ, ବମ୍ବେର ଉତ୍ତରଭାଗ, ରାଜପୁତାନା ଏବଂ ମଧ୍ୟଭାରତରେ ବିଶେଷ ଊଣା ଅର୍ଥାତ୍ ଶତକଡ଼ା ୮।୧୦ ଅଂଶ ଊଣା ପଡ଼ିଅଛି । ଦୁର୍ଭିକ୍ଷ ସାହାଯ୍ୟ ପାଉଥିବା ଲୋକଙ୍କ ସଂଖ୍ୟା ଗତ ସପ୍ତାହରେ ୩୪ ଲକ୍ଷରୁ କମିଆସିଥିଲା । ଓଡ଼ିଶାରେ ଯାହା ଊଣା ପଡ଼ିଅଛି ତାହା ଧର୍ତ୍ତବ୍ୟ ନୁହେ । କାରଣ ଗତ ସପ୍ତାହର ରିପୋର୍ଟରୁ ପ୍ରକାଶ ଯେ କେବଳ ପୁଷ୍ପଜଙ୍ଗଲର ତଲକାଜଙ୍ଗଲସ୍ଥ ଭୂମି ଛଡ଼ା ଆଉ କୌଣସି ଜାଗାରେ ଫସଲର ବିଶେଷ ଆଶଙ୍କା ନାହିଁ ।

———

ଆସନ୍ତା ଡିସେମ୍ବର ମାସ ତା ୫ ଓ ୬ ରିଖରେ ପୁଲିସ ସବଇନସ୍ପେକ୍ଟରୀ ପଦ ପ୍ରାର୍ଥୀମାନଙ୍କର ପରୀକ୍ଷା କରାଯିବ । ପରୀକ୍ଷାର ସ୍ଥାନ କଲିକତା, ବାଙ୍କିପୁର, କଟକ ଓ ଢାକା ଏବଂ ନିୟମମାନ ପୂର୍ବ ପ୍ରାୟ ଅଟେ । ବିସ୍ତାରିତ ନିୟମାବଳୀ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି ଏବଂ ପୁଲିସର ଇନସପେକ୍ଟର ଜେନରଲଙ୍କର ପ୍ରତିଲିପି ଅନୁଗ୍ରହ କରି ଆମ୍ଭମାନଙ୍କ ନିକଟକୁ ପଠାଇ ଦେଇଅଛନ୍ତି । ସ୍ଥାନାଭାବ ହେତୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ମାତ୍ର କେହି ପରୀକ୍ଷାର୍ଥୀ ଆମ୍ଭମାନଙ୍କ ଅଫିସକୁ ଆସି ତାହା ଦେଖି ପାରନ୍ତି । କେବଳ ଓଡ଼ିଶାର ପ୍ରାର୍ଥୀମାନଙ୍କର ପରୀକ୍ଷା ଏ ନଗରରେ ଗୃହୀତ ହେବ । ଓଡ଼ିଶାରେ ଏଥର ନ ୧୩ ଜଣ ନିଯୁକ୍ତ ହେବାର ଅଛି ଯେ ତନ୍ମଧ୍ୟରୁ ନ ୯ ଜଣ ବାହାରରୁ ଏବଂ ନ ୪ ଜଣ ପୁଲିସ [illegible] ଭିତରୁ ନିଯୁକ୍ତ ହେବେ । ଆଶା କରୁଁ ପୂର୍ବଠାରୁ ଅଧିକ ଲୋକ ପରୀକ୍ଷା ଦେବାକୁ ଅଗ୍ରସର ହେବେ ।

———

ଦୁର୍ଗାପୂଜାର ଦିନ ଏଥର ବଙ୍ଗଳା ଏବଂ ଓଡ଼ିଆ ପାଞ୍ଜିରେ ଭିନ୍ନ ପଡ଼ିଅଛି । ବଙ୍ଗଳା ଶ୍ରୀରାମପୁର ଏବଂ ଗୁପ୍ତ ପାଞ୍ଜିରେ ଶନିବାର ସପ୍ତମୀ ସୋମବାର ସନ୍ଧି ଓ ନବମୀପୂଜା ଏବଂ ମଙ୍ଗଳବାର ବିସର୍ଜନ ବା ଦଶହରା ହେବ । ମାତ୍ର ବଙ୍ଗଳା ବିଶୁଦ୍ଧସିଦ୍ଧାନ୍ତ ମତେ ରବିବାର ସପ୍ତମୀ, ସୋମବାର ଅଷ୍ଟମୀ ଓ ସନ୍ଧି ମଙ୍ଗଳବାର ନବମୀପୂଜା ଏବଂ ବୁଧବାର ବିସର୍ଜନ ହେବ । ଉତ୍କଳର ଦୁଇପାଞ୍ଜିର ମତ ବଙ୍ଗଳା ବିଶୁଦ୍ଧସିଦ୍ଧାନ୍ତ ଏବଂ କାଶୀର ପାଞ୍ଜି ସଙ୍ଗେ ଐକ୍ୟ ଅଟେ । ପ୍ରଥମ ଲିଖିତ ବଙ୍ଗଳାପାଞ୍ଜି ଅନୁସାରେ ଗବର୍ଣ୍ଣମେଣ୍ଟ ଗୁରୁବାର ଷଷ୍ଠୀ ହେବାର ଅବଗତ ହୋଇ ତଦନୁସାରେ ଛୁଟିର ବିଜ୍ଞାପନ ଦେଇଅଛନ୍ତି । କିନ୍ତୁ ବଙ୍ଗଳାରେ ଯେଉଁମାନେ ବିଶୁଦ୍ଧସିଦ୍ଧାନ୍ତ ମତ ଗ୍ରହଣ କରିଅଛନ୍ତି ସେମାନେ ରବିବାର ସପ୍ତମୀ ବା ପ୍ରଥମ ପୂଜା କରିବେ । ଓଡ଼ିଶାରେ ଯେଉଁମାନେ ଓଡ଼ିଆ ପାଞ୍ଜି ଛାଡ଼ି ବଙ୍ଗଳା ପଞ୍ଜିକା ବିଶେଷର ମତରେ ଚଳନ୍ତି ସେମାନେ ମଧ୍ୟ ଶନିବାର ପୂଜା ଆରମ୍ଭ କରିବାର ସମ୍ଭବ । ମାତ୍ର ଅଧିକାଂଶ ମତରେ ରବିବାର ସପ୍ତମୀ ହେବା ସ୍ଥଳେ ତଦନୁସାରେ କାର୍ଯ୍ୟ କରିବାର ଉଚିତ ହେଉଅଛି ।

———

ଏ ସ୍ଥାନର ଡେପୁଟି କଲେକ୍ଟର ବାବୁ ଅଶୁତୋଷ ଦତ୍ତଙ୍କର ପିତା ରାୟ ଶଶିଶେଖର ଦତ୍ତ ବାହାଦୁର ପ୍ରାୟ ଦୁଇମାସ ହେଲା ଶ୍ରୀ କ୍ଷେତ୍ର ତୀର୍ଥ ପାଳିଲା ଏ ନଗରରେ ପୁତ୍ର ନିକଟରେ ରହି ପରଲୋକ ଗମନ କରିବାର ଶୋକ ସମ୍ବାଦ ଯଥା ସମୟରେ ପ୍ରକାଶ କରିଥିଲୁଁ । ସେ ଦୀର୍ଘକାଳ ସୁଖ୍ୟାତି ସହିତ ଡେପୁଟି କଲେକ୍ଟର କାର୍ଯ୍ୟ କରି ପେନସନ ଭୋଗ କରୁଥିଲେ । ତାହାଙ୍କର ଅକାଳ ମୃତ୍ୟୁରେ ଅଶୁବାବୁ ଅନେକ ଶୋକ ସାନ୍ତ୍ୱନା ପତ୍ର ପାଇଥିଲେ । ତହିଁ ମଧ୍ୟରୁ କେତେକ ମୁଦ୍ରିତ ଛପା କରି ବିତରଣ କରିଅଛନ୍ତି ଏବଂ ଅମ୍ଭେମାନେ ଖଣ୍ଡିଏ ଛପା ପାଇବାରୁ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ତହିଁରେ ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୁର ବଙ୍ଗ ପ୍ରଦେଶର ଲେଫ୍ଟେନାଣ୍ଟ ଗବର୍ଣ୍ଣର ରେଭିନ୍ୟୁ ବୋର୍ଡର ମେମ୍ବର ଆସାମର ଚିଫକମିଶନର କେତେକ ବିଭାଗୀୟ କମିଶନର ଓ ଅନେକ କଲେକ୍ଟରଙ୍କର ପତ୍ରମାନ ଦେଖିଲୁଁ । ସ୍ୱର୍ଗୀୟ ରାୟ ଶଶିଶେଖର ଦତ୍ତ ବାହାଦୁର କେତେ ଉଚ୍ଚ ଶ୍ରେଣୀର ଲୋକ ଥିଲେ ଏଥିରୁ ସହଜେ ଜାଣି ପାରିବେ ।

———

କାବୁଲର ଅମିର ଅବଦୁର ରହମ[illegible]ଶାନଙ୍କର ମୃତ୍ୟୁସମ୍ବାଦ ପ୍ରଚାରିତ [illegible] ଅଛି । ସେ କେତେକ ମାସ ପୂର୍ବରୁ ବାତରୋ[illegible]ଗରେ ପୀଡ଼ିତ ଥିଲେ ଆଉ [illegible] ହେବାର ଆଶଙ୍କା ଥିଲା ଏତେ ଶୀଘ୍ର ଆୟୁଶେଷ [illegible]ମାନଙ୍କରେ ତାହାର ଏବଂ କାବୁଲର ମସନଦ [illegible] ବାଧା ହୋଇଥିଲା । ଇଂରେଜ [illegible] ବିଧାତାର ଅଲଙ୍ଘ୍ୟ ନିୟମକୁ [illegible] ଅଧୀନ ତାହାର ? ଗତ ତା ୩ ରିଖରେ ସେ [illegible] ଦେହଧାମରୁ ପ୍ରସ୍ଥାନ କଲେ । ତାହାଙ୍କର ଜ୍ୟେଷ୍ଠପୁତ୍ର [illegible] ହବିବଉଲ୍ଲାଖାନ ସିଂହାସନାରୂଢ଼ ହେବାର କଥା । [illegible] ଅଛନ୍ତି ଭାଇରୁ ପିତାଙ୍କର ଆଦେଶମତେ [illegible] କାର୍ଯ୍ୟ ନିର୍ବାହ କରି ଆସୁଥିବାରୁ ଯୋଗ୍ୟତା [illegible] ବହୁଦର୍ଶିତା ଲାଭ କରିଅଛନ୍ତି । ମାତ୍ର ଅମିରଙ୍କର ମୃତ୍ୟୁ ଘଟଣା ଅଥବା ତାହାଙ୍କର [illegible] ଲାଭ କଲେ ଏ ସବୁ ବିଷୟର ସରକାରୀ ସମ୍ବାଦ କିଛି ଏପର୍ଯ୍ୟନ୍ତ ବାହାରି ନାହିଁ । କିନ୍ତୁ [illegible]ରୁ ଭାରତପର୍ଯ୍ୟନ୍ତ ସମ୍ବାଦ ପତ୍ରମାନଙ୍କରେ ଅମିରଙ୍କର ଶୋକ ସମ୍ବାଦପତ୍ର ପ୍ରକାଶ ହୋଇଅଛି । ଏହା ସତ୍ୟ ହେଲେ ସମ୍ଭବତଃ ତାହାଙ୍କର ଉତ୍ତରାଧିକାରୀ ନିଶ୍ଚୟ ହେବା ପର୍ଯ୍ୟନ୍ତ ମହାମାନ୍ୟ ଗବର୍ଣ୍ଣରଜେନେରଲ ସିମଲା ଛାଡ଼ି ପାରିବେ ନାହିଁ ।

———

କେନାଲ କୂଳରେ ଧାନ ମାପିବାର ଦଣ୍ଡିଦାସୀ ନିକଟ ପ୍ରଥା ଗବର୍ଣ୍ଣମେଣ୍ଟ ଉଠାଇ ଦେବାର ଏଥି ପୂର୍ବେ ପାଠକମାନଙ୍କୁ ଜଣାଇଅଛୁ । ଓଡ଼ିଶା ଡିଭର ସୁପ୍ରେଣ୍ଟ ଇଞ୍ଜିନିୟର ମିଷ୍ଟର ଇଙ୍ଗଲିସ ସାହେବ ସେହି ସମ୍ବାଦ ଆମ୍ଭମାନଙ୍କ ନିକଟକୁ ଅନୁଗ୍ରହ ପୂର୍ବକ ଜଣାଇ ତହିଁ ସଙ୍ଗେ ଲେଖିଅଛନ୍ତି କି ଧାନ ବୃତ୍ତିଭୋଗୀ ଲୋକାରେ ଠିକ ଓଜନରେ ମାପି ଦେବାର ଏବଂ ଠକ ନ ପାରିବାର ଦେଖିବା କାରଣ ଇନସ୍ପେକ୍ଟରମାନେ ଦଣ୍ଡିଦାରଙ୍କ ସାହାଯ୍ୟ ନେଉଛନ୍ତି । ସେଥିରେ କିଛି ଆପତ୍ତି ନାହିଁ । ସେମାନେ ନିଜେ ୨ ଦଣ୍ଡିଦାରର ବନ୍ଦୋବସ୍ତ କରିବେ । ଏଥିରୁ ବୋଧ ହୁଏ ସାହେବ ମହୋଦୟ ଯେମନ୍ତ ବୁଝିଅଛନ୍ତି ଯେ ଲୋକଙ୍କର ପ୍ରାର୍ଥନା ମତେ ଦଣ୍ଡିଦାସ ଉଠିବା କଥା ଯାଇଥିଲା । ମାତ୍ର ପ୍ରକୃତରେ ତାହା ନୁହେ ଅମ୍ଭେମାନେ ଜାଣୁଁ ଯେ ଇଙ୍ଗଲିସ ସାହେବ ବଡ଼ ଭଦ୍ର ଲୋକ ଏବଂ

Digitized by srujanika@gmail.com

Split by PDF Splitter



ଦାୟିବାନ୍ ଅଛନ୍ତି । ମାତ୍ର ତାହାଙ୍କର କେହି ଅଧସ୍ତନ କର୍ମଚାରୀ ଯେପରି କୃତ୍ସାଳ ଦେଇଥିଲେ ତାହା ଉପରେ ଉଚିତ ଦୃଷ୍ଟି ରଖିବେ । ହାଟ ବଜାର ସବୁଠାରେ ଦଣ୍ଡିଦାର ଅଛନ୍ତି । ଏହା ହୋଇ ସରକାରଙ୍କର ତହିଁରେ ହସ୍ତକ୍ଷେପ କରିବା ଉଚିତ କି ?

---

ଦୁର୍ଭିକ୍ଷସାହାଯ୍ୟ ଦାନ କାର୍ଯ୍ୟରେ ନିଯୁକ୍ତ ଥିବା ସରକାରୀ କର୍ମଚାରୀଙ୍କ ହାତରେ ଦୁର୍ଭିକ୍ଷ ଶେଷରେ ଯେ ସମସ୍ତ ଅନାଥ ପିଲା ରହିଯାନ୍ତି ସେମାନଙ୍କ ସମ୍ବନ୍ଧରେ ନୂତନ ଦୁର୍ଭିକ୍ଷ ସଂହିତା ଗୋଟିଏ ଉଚିତର ପ୍ରସ୍ତାବ କରିଅଛନ୍ତି । ସଂହିତା ଏହି ନୀତି ଅବଧାରିତ କରିଅଛନ୍ତି କି ଦୁର୍ଭିକ୍ଷ ସମୟରେ ଯେ ସବୁ ଅନାଥ ପିଲଙ୍କୁ ସେମାନଙ୍କର ପିତାମାତା ବା ଅନ୍ୟ ଅଭିଭାବକ ଛାଡିଯାନ୍ତି ସେମାନଙ୍କର ସାମୟିକ ଅଭିଭାବକ ସରକାର ଅଟନ୍ତି ଏବଂ ଦୁର୍ଭିକ୍ଷ ନିବାରଣ ହେବାର ପରେ ଯେ ପର୍ଯ୍ୟନ୍ତ ସେମାନଙ୍କର ଭାର ଗ୍ରହଣ କରିବାକୁ ବାଧ୍ୟ ଥାନ୍ତି । ଦୁର୍ଭିକ୍ଷ ଅନ୍ତେ ସରକାର ସେହି ପିଲାମାନଙ୍କୁ ସେମାନଙ୍କର ସ୍ୱାଭାବିକ ଅଭିଭାବକଙ୍କୁ ସମର୍ପଣ କରିବାକୁ ଯତ୍ନ କରିବେ । ତଦ୍‌ଭିନ୍ନ ଅନାଥ ପିଲାର ଧର୍ମାବଲମ୍ବୀ କେହି ଭଦ୍ରଲୋକ ଆଗ୍ରହ କଲେ ତାହାକୁ ଦେବେ । ସ୍ୱଧର୍ମାବଲମ୍ବୀ ଭଦ୍ରଲୋକ ଖୋଜିପାଇବା ଚେଷ୍ଟାରେ ନିତାନ୍ତ ବିଫଳ ନ ହେବା ପର୍ଯ୍ୟନ୍ତ କୌଣସି ବିଧର୍ମୀ ବ୍ୟକ୍ତିଙ୍କୁ କେହି ଅନାଥ ପିଲାକୁ ଦିଆଯିବ ନାହିଁ । ବେସରକାରୀ ଅନାଥାଶ୍ରମରେ ଯେ ସମସ୍ତ ପିଲା ଥିବେ ସେମାନଙ୍କର ରେଜେଷ୍ଟର ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଯିବ ଯେପରି ସେ ତାହାର କୁଟୁମ୍ବ କେହି ଅଛନ୍ତି କି ନାହିଁ ତହିଁର ଅନୁସନ୍ଧାନ କରିବେ । କେଉଁଠାରେ ଯେଉଁ ଅନାଥ ପିଲା ପାଆଯିବ ଦୁର୍ଭିକ୍ଷ ଶେଷ ହେବାର ଛଅମାସ ପର୍ଯ୍ୟନ୍ତ ତାହାକୁ ସ୍ଥାନାନ୍ତର କରାଯିବ ନାହିଁ । ବୋଲିବା ବାହୁଲ୍ୟ ଯେ ଏହି ନିୟମଗୁଡିକ ଉତ୍ତମ ହୋଇଅଛି ଏବଂ ଦୁର୍ଭିକ୍ଷ ସାହାଯ୍ୟ ବିଷୟର ନୂତନ ସଂସ୍କରଣରେ ସନ୍ନିବେଷ୍ଟ ହେବ ।

---

ଏଠାର ସିଭିଲ ସର୍ଜନ ଡାକ୍ତର ଜୋନ୍ସ ସାହେବ ପେନସନ ଗ୍ରହଣପୂର୍ବକ କାର୍ଯ୍ୟରୁ ଅବସର ନେବାରୁ ତାହାଙ୍କୁ ବିଦାୟ ଦେବା ଉପଲକ୍ଷରେ ଏଠା ମେଡିକେଲ ସ୍କୁଲର ଛାତ୍ରମାନେ ଗତ ବୁଧବାର ସନ୍ଧ୍ୟା ସମୟରେ ଗୋଟିଏ ସଭା କରିଥିଲେ । ସଭା ମଣ୍ଡପଟି ପତାକାଦିରୂପେ ସୁସଜ୍ଜିତ ହୋଇଥିଲା ଏବଂ ନଗରବାସୀ ଅନେକ ଭଦ୍ରଲୋକ ସମବେତ ହୋଇଥିଲେ । ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ସଭାପତିପଦରେ ମନୋନୀତ ହୋଇ ସାହେବ ମହୋଦୟ ପାର୍ଶ୍ୱନାଳ ଓଡ଼ିଶାରେ ରହି ତାହାଙ୍କ ହସ୍ତରେ ନ୍ୟସ୍ତ ହେବା ନାନାପ୍ରକାର ଗୁରୁତର କାର୍ଯ୍ୟମାନ ପ୍ରଶଂସନୀୟରୂପେ ନିର୍ବାହ ସର୍ବଦା ପ୍ରଫୁଲ୍ଲଚିତ୍ତରେ ସମସ୍ତଙ୍କ ସହିତ ସଦାଲାପ କରି ସହୃଦୟତାରେ ରୋଗୀଙ୍କର ଚିକିତ୍ସା କରିବା ଇତ୍ୟାଦି କଥାମାନ ମନୋହରରୂପେ ବର୍ଣ୍ଣନା କରି ମେଡିକେଲ ସ୍କୁଲର ଛାତ୍ରମାନଙ୍କ ପ୍ରତି ତାହାଙ୍କର ସ୍ନେହ ଓ ଦୟାର ପ୍ରମାଣସ୍ୱରୂପ ଏହି ସଭାକୁ ଦେଖାଇ ଦେଲେ ଏବଂ ତାହାଙ୍କର ଦୀର୍ଘଜୀବନ ଏବଂ କୁଶଳ କାମନା କରି ବକ୍ତୃତା ଶେଷ କଲେ । ତଦନ୍ତର ଗୋଟିଏ ସଙ୍ଗୀତ ହୋଇ ବିଦାୟସୂଚକ ଅଭିନନ୍ଦନପତ୍ର ପଠିତ ହେଲା ଏବଂ ସାହେବ ମହୋଦୟ ତହିଁର ପ୍ରୀତିପୂର୍ଣ୍ଣ ଉତ୍ତରରେ କହିଲେ କି ସେ ତାହାଙ୍କର ଅଧୀନସ୍ଥ ଶିକ୍ଷକମାନଙ୍କୁ ନିଜର ବନ୍ଧୁ ଏବଂ ଛାତ୍ରମାନଙ୍କୁ ପୁତ୍ର ପରି ଦେଖୁଥିଲେ । ତଦନ୍ତର ଆଉ ଗୋଟିଏ ସଙ୍ଗୀତ ହେଲା ଏବଂ ସ୍କୁଲର ଛାତ୍ର ଓ ଶିକ୍ଷକମାନେ ସାହେବ ମହୋଦୟଙ୍କ ଗଳାରେ ଫୁଲମାଳମାନ ଏତେ ପିନ୍ଧାଇ ଦେଲେ ଯେ ଗଳାରେ ଆଉ ସ୍ଥାନ ନ ଥିଲା ଏବଂ ସେ ଦୃଶ୍ୟ ଅତି ମନୋହର ହୋଇଥିଲା । ସଭାର ଆରମ୍ଭ ଏବଂ ଶେଷରେ ବାବୁ ଖାନସନ ରାଉତଙ୍କର ନୂତନ ଗଠିତ ବାଦ୍ୟଦଳ ସୁନ୍ଦର ବାଦ୍ୟ ବଜାଇ ଥିଲେ । ଡାକ୍ତର ଜୋନ୍ସ ସାହେବଙ୍କ ହାତରେ କେବଳ ଏ ଜିଲ୍ଲାର ଡାକ୍ତରଖାନାମାନଙ୍କର ଏବଂ ଜେଲ ପାଗଲଖାନା ଇତ୍ୟାଦି ସରକାରୀ କାର୍ଯ୍ୟର ଭାର ନ ଥିଲା । ତହିଁ ଉପରେ ସେ ମେଡିକେଲ ସ୍କୁଲର ସୁପ୍ରିଣ୍ଟେଣ୍ଡେଣ୍ଟ ଏବଂ ମ୍ୟୁନିସିପାଲିଟିର ଚେୟାରମ୍ୟାନ ଥିଲେ । ତାହାଙ୍କ ହାତରେ ଏ ନଗରର ଯେତେ ଉନ୍ନତି ହୋଇଅଛି ତାହା ସମସ୍ତେ ଜାଣନ୍ତି । ଶାନ୍ତି, ଉଦାରସ୍ୱଭାବ, ନିର୍ଦ୍ଦନ୍ଦରେ କାର୍ଯ୍ୟ ଚଳାଇବା ପ୍ରଭୃତି ଗୁଣଦ୍ୱାରା ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇଥିଲେ । ତାହାଙ୍କ ବିଦାୟକାଳରେ ଜନସାଧାରଣ ଅଥବା ନଗରବାସିଙ୍କ ପ୍ରତିନିଧିସ୍ୱରୂପ ମ୍ୟୁନିସିପାଲ କମିଶନରମାନଙ୍କ ପକ୍ଷରୁ ସଭା ହୋଇଥିଲେ ଅତ୍ୟନ୍ତ ଆନନ୍ଦର ବିଷୟ ହୋଇଥାନ୍ତା । ତାହା ନ ହେବା ସ୍ଥଳେ ମେଡିକେଲସ୍କୁଲର ଛାତ୍ରମାନେ ସଭା ଯାହା କରିଅଛନ୍ତି ତହିଁନିମିତ୍ତ ସେମାନଙ୍କଠାରେ କୃତଜ୍ଞତା ପ୍ରକାଶ କରୁଅଛୁଁ । ପଠାବସ୍ଥାରେ ଛାତ୍ରମାନଙ୍କର ଗୁରୁଭକ୍ତି ଯେତେ ଦୃଢ଼ ହେବ ଆଶା କରାଯାଏ ସେ ସଂସାରରେ ପ୍ରବେଶ ହେଲେ ସହୃଦମାନଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଭକ୍ତି ସେତେ ଦୃଢ଼ ହେବ । ଏଠାରେ ଲେଖିବା ଆବଶ୍ୟକ ଯେ ଗତ ଶନିବାର ଅପରାହ୍ନରେ କେଷବଶ୍ରମରେ ବାସ କରୁଥିବା ମେଡିକେଲସ୍କୁଲର ଛାତ୍ରମାନେ ଏକ୍ଷପର ଖଣ୍ଡିଏ ଅଭିନନ୍ଦନପତ୍ର ପ୍ରଦାନଦ୍ୱାରା ଗୁରୁଭକ୍ତି ଦେଖାଇଥିଲେ । ଏ ବିଷୟରେ ସମସ୍ତ ଛାତ୍ର ଏକତ୍ର ମିଶି କାର୍ଯ୍ୟ କରିଥିଲେ ଭଲ ହୋଇଥାନ୍ତା ।

---

### ଦେଶୀୟ ଚିକିତ୍ସାର ଦୁର୍ଗତି ମୋଚନ ।

ଏ ନଗରବାସୀ ଜଣେ ପ୍ରଧାନ ଜମିଦାର ଓ ମହାଜନ ବାବୁ ବିହାରୀଲାଲ ପଣ୍ଡିତ ଏଥି ପୂର୍ବେ ଟୀକା ଓ ବ୍ୟାଖ୍ୟା ସହିତ ଶ୍ରୀମଦ୍‌ଭଗବତ ଗୀତା ଏବଂ ନିତ୍ୟକର୍ମ ପୁସ୍ତକମାନ ଉତ୍କଳାକ୍ଷରରେ ମୁଦ୍ରିତ କରି ବିନା ମୂଲ୍ୟରେ ବିତରଣ କରିବାଦ୍ୱାରା ସମସ୍ତ ଉତ୍କଳବାସୀ ହିନ୍ଦୁଙ୍କର ଅଶେଷ କୃତଜ୍ଞତା ଭାଜନ ହେବାର ପାଠକମାନଙ୍କୁ ଜଣା ଅଛି । ସମ୍ପ୍ରତି ତାହାଙ୍କର ଯେଉଁ ବିଜ୍ଞାପନ ଏ ପତ୍ରିକାର ଗତ ତା ୧୪ ର ଖର ସଂଖ୍ୟାରେ ବାହାରିଅଛି ତହିଁରୁ ଜଣାଯାଏ ଯେ ସେ ମାଧବକର ନିଦାନ ସହିତ ମାଧବକର ଓ ଅନ୍ୟାନ୍ୟ ଚିକିତ୍ସା ଗ୍ରନ୍ଥ ଓ ଭୁଟକା ଔଷଧ ପ୍ରଭୃତି ଯୋଗ କରି ଖଣ୍ଡିଏ ସମ୍ପୂର୍ଣ୍ଣ ଚିକିତ୍ସା ପୁସ୍ତକ ଉତ୍କଳ ଭାଷାରେ ମୁଦ୍ରିତ କରି ବିତରଣ କରିବାର ଯେଉଁ ସଂକଳ୍ପ କରିଥିଲେ ତାହାଙ୍କର ଏ ବିଷୟର ପୂର୍ବ ବିଜ୍ଞାପନ ଅନୁସାରେ କେହି ତାହାଙ୍କ ନିକଟକୁ କୌଣସି ପୁସ୍ତକାଦି ନ ପଠାଇବାରୁ ସେ ସଂକଳ୍ପ ପରିତ୍ୟାଗ ପୂର୍ବକ କେବଳ ମାଧବକର ନିଦାନ ଅନୁବାଦ ସହିତ ପ୍ରକାଶ ପୂର୍ବକ ବିତରଣ କରିବାର ସ୍ଥିର କରିଅଛନ୍ତି । ଏହା ବଡ଼ ଦୁଃଖ ଏବଂ ଦୁର୍ଭାଗ୍ୟର ବିଷୟ ବୋଲିବାକୁ ହେବ । ଧର୍ମ ପୁସ୍ତକ ବିତରଣଦ୍ୱାରା ସମ୍ପ୍ରଦାୟ ବିଶେଷର ଉପକାର ମାତ୍ର ଚିକିତ୍ସା ପୁସ୍ତକଦ୍ୱାରା ସକଳ ଶ୍ରେଣୀର ଲୋକଙ୍କର ଉପକାରର ଆଶା କରାଯାଏ । ବିଶେଷତଃ ଓଡ଼ିଶାରେ ଉପଯୁକ୍ତ ବୈଦ୍ୟ ଏବଂ ଦେଶୀୟ ଚିକିତ୍ସା ଯେଉଁ ଦୁର୍ଗତିରେ ପଡ଼ିଅଛି ତାହାର ଅବଗତ ନାହିଁ । ଏମନ୍ତ ଅବସ୍ଥାରେ ହିତୈଷୀ ବିହାରୀ ବାବୁଙ୍କର ସାଧୁ ସଂକଳ୍ପ ସାଧାରଣ ସାହାଯ୍ୟ ଓ ସହାନୁଭୂତି ଅଭାବରୁ ବ୍ୟର୍ଥ ହେବା ନିତାନ୍ତ ପରିତାପର ବିଷୟ ଅଟେ । ସେ ଅଧିକ ସାହାଯ୍ୟ ଲୋଡ଼ୁ ନାହାନ୍ତି । ଯାହାଙ୍କଠାରେ କୌଣସି ସଂସ୍କୃତ ବା ଓଡ଼ିଆ ଚିକିତ୍ସାର ଭଲ ଗ୍ରନ୍ଥ ଅଛି ସେହି ପୁସ୍ତକ କିମ୍ବା ତହିଁର ପ୍ରତିଲିପି ତାହାଙ୍କ ନିକଟକୁ ପଠାଇଦେଲେ ଯଥେଷ୍ଟ ହେବ ଏବଂ ମନୋନୀତ ପୁସ୍ତକ ସକାଶେ ସେ ପୁରସ୍କାର ଦେବାକୁ ମଧ୍ୟ ସ୍ୱୀକୃତ ଅଛନ୍ତି । ବୋଲିବା ବାହୁଲ୍ୟ ଯେ ମନୋନୀତ ନ ହେବା ପୁସ୍ତକ ସେ ହାତରୁ ଡାକ ଖରଚ ଦେଇ ଫେରାଇ ଦେବେ ଏବଂ ମୁଦ୍ରିତ ପୁସ୍ତକ ଖଣ୍ଡେ ଅବଶ୍ୟ

Digitized by srujanika@gmail.com

Split by PDF Splitter



ସେମାନଙ୍କୁ ଦେବେ । ସୁତରାଂ ଯେଉଁମାନେ ପୁସ୍ତକ ପଠାଇବେ ସେମାନଙ୍କର କିଛି ଲାଭ କିମ୍ବା ଖର୍ଚ୍ଚ ନାହିଁ ଏବଂ ତଦ୍ଦ୍ୱାରା ଯେଉଁ ସାଧାରଣ ଉପକାର ହେବ ତହିଁର ମୂଲ୍ୟ ନାହିଁ । ଅତଏବ ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ଯେଉଁମାନଙ୍କଠାରେ ସେପରି ଅତିରିକ୍ତ ପୁସ୍ତକ ଏବଂ ସ୍ୱଦେଶର ଉନ୍ନତିରେ ଶ୍ରଦ୍ଧା ଓ ଯତ୍ନ ଅଛି ସେମାନେ ବିହାରୀ-ବାବୁଙ୍କର ଅନୁରୋଧ ରକ୍ଷା କରିବାରେ ତତ୍ପର ହେବେ ।

ଏ ସମ୍ବନ୍ଧରେ ବାବୁ ବିହାରୀଲାଲ ପଣ୍ଡିତଙ୍କୁ କିଛି ନିବେଦନ କରିବାର ନିତାନ୍ତ ଇଚ୍ଛା ହେବାରୁ ବିନୀତ ଭାବରେ ତାହା ଜଣାଇବାକୁ ପ୍ରବୃତ୍ତ ହେଲୁଁ । ଭରସା କରୁଁ ସେ ତହିଁ ତା ସ୍ୱୀକାର କରି ଆମ୍ଭମାନଙ୍କୁ କ୍ଷମା କରିବେ ଓଡ଼ିଶାରେ ଦେଶ ହିତୈଷୀଙ୍କ ସଂଖ୍ୟା ଅତ୍ୟନ୍ତ ବିରଳ ଅଧିକାଂଶ ସମର୍ଥବାନ୍ ନାନା ବ୍ୟକ୍ତି ସ୍ୱାର୍ଥ ଚିନ୍ତାରେ ବ୍ୟସ୍ତ ଏବଂ ସାଧାରଣ ହିତକର ବ୍ୟାପାର ଜଡ଼ପ୍ରାୟ । ତେମନ୍ତ ଦୃଷ୍ଟାନ୍ତ ସ୍ଥାନ ହୋଇ ନ ଥିଲେ ତାହାଙ୍କର ଏଡ଼େ କଳ୍ପନା ସଫଳ ହୋଇ ନ ଥାନ୍ତା । ଯାହା ହେଉ ଯେତେବେଳେ ତାହାଙ୍କ ପରି ଜଣେ ସମର୍ଥବାନ ବ୍ୟକ୍ତି ସୌଭାଗ୍ୟବଶତଃ ଆମ୍ଭେମାନେ ପାଇଅଛୁଁ ଏବଂ ଉତ୍କଳରେ ଦିନକୁ ଦିନ ଅଧୋଗତି ଲକ୍ଷ୍ୟ କରି ଦେଶୀୟ ଚିକିତ୍ସାର ପୁନରୁଦ୍ଧାର ବିଷୟରେ ସେ ଦୃଢ଼ସଂକଳ୍ପ କରିଅଛନ୍ତି । ସେତେବେଳେ ସେ ଜନସାଧାରଣଙ୍କଠାରୁ ବାଞ୍ଛିତ ସାହାଯ୍ୟ ପାଇଲେ ନାହିଁ ବୋଲି ଅଳ୍ପରେ ତୃପ୍ତି ହେବା ଉଚିତ ନୁହେ । ସୁଚିକିତ୍ସା ଦାନର ମହତ୍ତ୍ୱ ଯେତେବେଳେ ସେ ଏତେଦୂର ହୃଦୟଙ୍ଗମ କରିଅଛନ୍ତି ସେତେବେଳେ ସେ ଦିଗକୁ ଯଥାସାଧ୍ୟ ଅଗ୍ରସର ହେବା ଏକାନ୍ତ ବାଞ୍ଛନୀୟ । ସ୍ଥାନୀୟ ଉପଯୁକ୍ତ ବୈଦ୍ୟ କେହି ପ୍ରାପ୍ତ ନ ହେଲେ ବଙ୍ଗ ଅଥବା ଉତ୍ତର ପଶ୍ଚିମରୁ ଜଣେ ସୁଯୋଗ୍ୟ ଆଣି ଏ ନଗରରେ ଗୋଟିଏ ଔଷଧାଳୟ ସ୍ଥାପନ କରି ଦରିଦ୍ରମାନଙ୍କୁ ବିନା ମୂଲ୍ୟ ଏବଂ ସଙ୍ଗତିପନ୍ନ ବ୍ୟକ୍ତିମାନଙ୍କୁ ଉଚିତ ମୂଲ୍ୟରେ ଚିକିତ୍ସା ଏବଂ ଔଷଧ ଦାନ କରିବାର ଏବଂ କେତେ ଜଣଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କଲେ ପୁସ୍ତକ ବିତରଣ ଅପେକ୍ଷା ଅଧିକ ପୁଣ୍ୟ ଏବଂ ଯଶ ହେବ ତାହାଙ୍କ ପରି ବୁଦ୍ଧିମାନ୍ ବ୍ୟକ୍ତିଙ୍କୁ ବୁଝାଇବାର ପ୍ରୟୋଜନ ନାହିଁ । ପୂର୍ବକାଳରେ କେତେ ଲୋକମାନେ ସ୍ୱବ୍ୟୟରେ ତୈଳ ଘୃତ ରସାୟନାଦି ବହୁମୂଲ୍ୟ ଔଷଧ ପ୍ରସ୍ତୁତ କରି ଗ୍ରାମବାସୀ ଏବଂ ପରିଚିତ ବ୍ୟକ୍ତିଙ୍କୁ ବିତରଣ କରୁଥିଲେ । ବର୍ତ୍ତମାନ ମଧ୍ୟ କେହି କେହି ସେପରି କରୁଅଛନ୍ତି । ମାତ୍ର ସହରରେ ଗୋଟିଏ ଚିକିତ୍ସାଳୟ ସ୍ଥାପିତ ହୋଇ ସେ କାର୍ଯ୍ୟ ସମାଧା ହେଲେ ବଡ଼ ସୁଖର ବିଷୟ ହେବ । ଏକାଧିକ ହିତକାର୍ଯ୍ୟ କରିବାଠାରୁ ଏମନ୍ତ ଗୋଟିଏ ଗୁରୁତର କାର୍ଯ୍ୟରେ ସମ୍ପୂର୍ଣ୍ଣ ମନୋଯୋଗୀ ହୋଇ ଯଥାସାଧ୍ୟ ତହିଁର ଉନ୍ନତି ସାଧନ କରିବା ଆମ୍ଭମାନଙ୍କର ସାମାନ୍ୟ ବିବେଚନାରେ ଏକ ଜୀବନ ପକ୍ଷରେ ଯଥେଷ୍ଟ ଅଟେ ।

---

## ମସଜିଦରେ ଇଂରାଜୀଶିକ୍ଷା ।

ଏ ନଗରର ପ୍ରସିଦ୍ଧ ଜୁମାମସଜିଦ ନାମକ ଗୋଟିଏ ପ୍ରଧାନ ମୁସଲମାନ ଧର୍ମାଳୟର ପୀଠର ଏକାଂଶରେ କେତେକବର୍ଷ ହେଲା ମୁସଲମାନଙ୍କର ଧର୍ମପୁସ୍ତକ କୋରାନ ଏବଂ ଉର୍ଦ୍ଦୁ ଭାଷାର ଶିକ୍ଷା ନିମନ୍ତେ ମୌଲବି ଅବଦୁସ ସମଦ ଅପର କେତେକ ମୁସଲମାନଙ୍କ ସମ୍ମତି ଓ ସାହାଯ୍ୟରେ ଗୋଟିଏ ମଦରସା ବା ବିଦ୍ୟାଳୟ ସ୍ଥାପନ କରିଥିଲେ । ପଶ୍ଚାତ୍ ସେହି ବିଦ୍ୟାଳୟକୁ ମଧ୍ୟଇଂରାଜୀ ବିଦ୍ୟାଳୟରେ ପରିଣତ କରି ଇଂରାଜୀ ଶିକ୍ଷା ଦେବାର ଉଦ୍ୟମରୁ ଏ ନଗରସ୍ଥ ମୁସଲମାନମାନଙ୍କ ମଧ୍ୟରେ ମତାନ୍ତର ଘଟିବା ଏବଂ ତହିଁରେ ଶାନ୍ତି ଭଙ୍ଗର ଆଶଙ୍କା କରି ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବ ରିପୋର୍ଟ କରିବାରେ କଲେକ୍ଟର ଜଏଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଡେଭିଡସନ ସାହେବ ଗତମାସ ତା ୨୫ ରିଖରେ ମୌଲବି ଅବଦୁସ ସମଦଙ୍କ ନାମରେ ନିଷେଧ ଆଜ୍ଞା ଜାରି କରିଥିଲେ । ଚଳିତମାସ ତା ୧ ରିଖରେ ଜୁମାମସଜିଦର ବର୍ତ୍ତମାନ ମତୁଅଲି ଏବଂ ମୌଲବି ହାଫିଜମହମ୍ମଦ ଅବଦୁଲମନା, ସୟଦ ଏକରାମ ରସୁଲ ପ୍ରଭୃତି ମସଜିଦ ହତାମଧ୍ୟରେ ଇଂରାଜୀସ୍କୁଲ ସ୍ଥାପିତ ହେବା ମୁସଲମାନ ଧର୍ମ ବିରୁଦ୍ଧ ଥିବା ମର୍ମରେ ଏକ ଦରଖାସ୍ତ ଦେଇ ସେମାନଙ୍କ ପକ୍ଷ ସମର୍ଥନ କରିବା କାରଣ ଉକିଲ ନିଯୁକ୍ତ କଲେ ଏବଂ ମୌଲବି ଅବଦୁସ ସମଦ ସ୍ୱପକ୍ଷରୁ ସ୍ୱୟଂ ବାରିଷ୍ଟର ବୋଷ ବାହାଦୁରଙ୍କୁ ଉକିଲ ନିଯୁକ୍ତ କଲେ । ଜଏଣ୍ଟ ଡେପୁଟି ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଡେଭିଡସନ ସାହେବ ଉଭୟ ପକ୍ଷର ଉକିଲଙ୍କ ବାଦାନୁବାଦ ଶ୍ରବଣ ପୂର୍ବକ ଗତ ତା ୩ ରିଖରେ ଅଦେଶ ଦେଲେ କି ଏଥି ପୂର୍ବେ ସେ କାର୍ଯ୍ୟବିଧି ଆଇନର ଧା ୧୪୪ ର ଅନୁସାରେ ଯେଉଁ ନିଷେଧ ଆଜ୍ଞା ପ୍ରଚାର କରିଅଛନ୍ତି ତାହା ରହିତ ହେବାର କୌଣସି କାରଣ ନାହିଁ ଅତଏବ ସେ ଆଦେଶ ପ୍ରବଳ ରହିଲା । ଡେପୁଟି ମାଜିଷ୍ଟ୍ରେଟ ମହୋଦୟଙ୍କ ଜଜମେଣ୍ଟର ମର୍ମ ଏହି କି ଓଡ଼ିଶା ଇସଲାମ ଏସୋସିଏସନ ନାମକ ଗୋଟିଏ ସମାଜର ସଭାପତି ସ୍ୱରୂପ ମସଜିଦର ମୁଉଫତଦାର ଏବଂ ମୁସଲମାନ ସମ୍ପ୍ରଦାୟର ପକ୍ଷରେ ସନ ୧୮୯୯ ସାଲ ଅକ୍ଟୋବର ମାସରେ ଜୁମାମସଜିଦର ପୀଠ ଉପରେ ଗୋଟିଏ ସ୍କୁଲ ସ୍ଥାପନ କରିଥିଲେ ଯେ ତହିଁରେ କୋରାନ ସଙ୍ଗେ ଉର୍ଦ୍ଦୁଭାଷା ଓ କିଛି ଅଙ୍କଶିକ୍ଷା ଦିଆଯାଉଥିଲା । ସନ ୧୯୦୦ ସାଲର ଜାନୁୟାରି ମାସ ତା ୨୭ ରିଖରେ ମୁସଲମାନସ୍କୁଲର ଆସିଷ୍ଟାଣ୍ଟ ଇନସ୍ପେକ୍ଟର ସେହି ବିଦ୍ୟାଳୟ ପରିଦର୍ଶନ କରି ତହିଁରେ ଇଂରାଜୀ ଶିକ୍ଷା ଦିଆଗଲେ ଅଧିକ ଉପକାରି ହେବାର ମତ ପ୍ରକାଶ କରନ୍ତେ ଅଞ୍ଜୁମନ ଇସଲାମ ସଭାର ଗୋଟିଏ ବିଶେଷ ଅଧିବେଶନ ହୋଇ ସେ ବିଦ୍ୟାଳୟକୁ ମଧ୍ୟଇଂରାଜୀ ବିଦ୍ୟାଳୟ ଶ୍ରେଣୀକୁ ଉଠାଇବାର ସିଦ୍ଧାନ୍ତ ହେଲା ଏବଂ ତହିଁ ଉତ୍ତାରୁ ଗବର୍ଣ୍ଣମେଣ୍ଟ ସାହାଯ୍ୟ ପ୍ରାପ୍ତିର ପ୍ରାର୍ଥନା ହୋଇ କ୍ରମେ ଇଂରାଜୀ ଶିକ୍ଷା ଦିଆଯିବାର ଆରମ୍ଭ ହେଲା । ଓଡ଼ିଶାର ସ୍କୁଲ ଇନସ୍ପେକ୍ଟର ଗତ ମଇ ମାସ ତା ୯ ରିଖରେ ଏହି ବିଦ୍ୟାଳୟ ପରିଦର୍ଶନ କରି ଯେଉଁ ମନ୍ତବ୍ୟ ଲେଖିଅଛନ୍ତି ତହିଁରୁ ପ୍ରକାଶ ଯେ ସେ ବିଦ୍ୟାଳୟ ମଧ୍ୟଇଂରାଜୀ ଶ୍ରେଣୀର ଅନ୍ତର୍ଗତ ହେବାର ଚେଷ୍ଟା ହେଉଥିଲା ମାତ୍ର ପଢ଼ା ତେତେଦୂର ହୋଇ ନ ଥିଲା । ସେ ପର୍ଯ୍ୟନ୍ତ ମସଜିଦର ମୁଉଫତଦାର ବା ଅନ୍ୟ କେହି ମୁସଲମାନ ଇଂରାଜୀ ପଢ଼ାପ୍ରତି ଆପତ୍ତି କରିବାର କୌଣସି ନିଦର୍ଶନ ନାହିଁ । ମାତ୍ର ଇଦାନି ଯେ କାରଣରୁ ହେଉ ମୁସଲମାନ ସମ୍ପ୍ରଦାୟର ଅନେକ ଲୋକ ଏବଂ ମସଜିଦର ମତୁଅଲି ଅବଦୁଲ ସତାର ଇଂରାଜୀ ପଢ଼ାପ୍ରତି ଆପତ୍ତି କରି ଖଣ୍ଡିଏ ନିଷେଧ ସୂଚକ ଇସ୍ତାହାର ଜାରି କରିଅଛନ୍ତି । ଫାଜଲ ମହମ୍ମଦ ନାମକ ଏକ ବ୍ୟକ୍ତି ଯେ କି ପ୍ରକୃତ ମତୁଅଲି ଥିବାର ଦାବି କରେ ଏବଂ ତାହାର ଦାବିପ୍ରତି ଅନ୍ୟ ପକ୍ଷରୁ ଆପତ୍ତି ହୋଇ ନାହିଁ ସେ ମଧ୍ୟ ଆପତ୍ତିକାରୀଙ୍କ ଦରଖାସ୍ତରେ ଦସ୍ତଖତ କରି ଇଂରାଜୀ ପଢ଼ାପ୍ରତି ଆପତ୍ତି କରିଅଛି । ଏ ନଗରର ମୁସଲମାନ ସମ୍ପ୍ରଦାୟ ଦୁଇ ଦଳରେ ବିଭକ୍ତ, ଏକଦଳ ଇସଲାମ ସଭାଭୁକ୍ତ ବୋଲି ପରିଚୟ ଦିଅନ୍ତି ଓ ସେମାନେ ଇଂରାଜୀ ଶିକ୍ଷାର ସପକ୍ଷ । ଅପର ଦଳ ଜାତୀୟ ମୁସଲମାନ ସଭାର ଉତ୍କଳ ଶାଖା ସମାଜଭୁକ୍ତ ବୋଲି ପରିଚିତ ଏବଂ ସେମାନେ ଇଂରାଜୀ ଶିକ୍ଷାର ବିପକ୍ଷ । ଶେଷ ଲକ୍ଷିତ ଦଳଟି ବୃହତ୍ତର ଅଟେ, ଜିଲ୍ଲା ମାଜିଷ୍ଟ୍ରେଟଙ୍କର ସନ ୧୮୯୯ ସାଲର ଏହି ମନ୍ତବ୍ୟରୁ ପ୍ରକାଶ ଯେ ସେ ପ୍ରଥମ ଲକ୍ଷିତ ସଭାକୁ ଏଠା ମୁସଲମାନମାନଙ୍କର ପ୍ରତିନିଧି ବୋଲି ସ୍ୱୀକାର କରି ନାହାନ୍ତି କିନ୍ତୁ ଶେଷ ଲକ୍ଷିତ ସମାଜ ଅର୍ଥାତ୍ ଜାତୀୟ ମୁସଲମାନ ସମାଜର ଶାଖା ସଭା ସରକାରୀ କାଗଜରେ ସ୍ୱୀକୃତ ହୋଇଅଛି । ଅତଏବ ସେ ସ୍ଥଳେ ମସଜିଦର ମତୁଅଲିମାନେ କି ସେମାନଙ୍କର ମତ ମସଜିଦର କାର୍ଯ୍ୟ ନିର୍ବାହ ଓ ତତ୍ତ୍ୱାବଧାନ ପକ୍ଷରେ ପ୍ରବଳ

Digitized by srujanika@gmail.com

Split by PDF Splitter



ଅଟେ ଇଂରାଜୀ ଶିକ୍ଷାର ବିରୋଧୀ ଏବଂ ଉକ୍ତିର ମୁସଲମାନ ସମାଜ ସେମାନଙ୍କ ସପକ୍ଷରେ ଅଛନ୍ତି ସେ ସ୍ଥଳେ ସେହି ବିଦ୍ୟାଳୟରେ ଉକ୍ତ ବିଷୟ ପଢ଼ା ହେବ ବିଦ୍ୟାଳୟ ସ୍ଥାପକ କର୍ତ୍ତାଙ୍କର ତାହା ସ୍ଥିର କରିବାର ଅଧିକାର ନାହିଁ ଏବଂ ଅଧିକାଂଶ ମୁସଲମାନମାନଙ୍କର ଇଚ୍ଛା ବିରୁଦ୍ଧରେ ସେମାନେ ସେପରି କଲେ ଅଶାନ୍ତିଭଙ୍ଗର ସମ୍ଭାବନା ।

ବୋଲିବା ବାହୁଲ୍ୟ ଯେ ଏହି ନିଷ୍ପତ୍ତି ନ୍ୟାଯ୍ୟ ସଙ୍ଗତ ହୋଇଅଛି ଏବଂ ଏ ନଗରର ବୃହତ୍ ମୁସଲମାନଦଳ ତହିଁରେ ସନ୍ତୋଷ ହୋଇ ନିଷ୍ପତ୍ତିର ପରଦିନ ପ୍ରାୟ ଦେଢ଼ ହଜାର ମୁସଲମାନ ମଉଲଭି ହାଜି ଅବଦୁଲ ମନାଙ୍କ ନେତୃତ୍ୱରେ ଜୁମା ମସଜିଦରେ ଏକତ୍ର ହୋଇ ଈଶ୍ୱରଙ୍କୁ ଧନ୍ୟବାଦ ଦେଇଥିଲେ । ତହିଁ ଉତ୍ତାରୁ ନଦମ ଉଲ୍ଲମରେ ଏକ ସଭା ହୋଇଥିଲା । ମୁସଲମାନମାନଙ୍କ ମଧ୍ୟରେ ଏ ବିଷୟର ଭଲ ଚର୍ଚ୍ଚା ଲାଗିଅଛି । ମାତ୍ର ଦଳାଦଳ ଭଲ ନୁହେଁ । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି କେତେଜଣ ସମ୍ଭ୍ରାନ୍ତ ମୁସଲମାନ ମଧ୍ୟସ୍ଥ ହୋଇ ଉଭୟ ପକ୍ଷକୁ ମିଶାଇ ଦେବା କାରଣ ଯତ୍ନବାନ୍ ହେବେ । ଆପଣା ଭିତରେ ବାଦ କଲେ ଅକାରଣ ବଳ କ୍ଷୟ ଏବଂ ସାଧାରଣ ହିତର ବ୍ୟାଘାତ ବିନା ଆଉ କିଛି ଫଳ ନାହିଁ ।

---

## ସାଧାରଣ ଶିକ୍ଷା ଓ ଧର୍ମ ।

ଗବର୍ଣ୍ଣମେଣ୍ଟଙ୍କର ସ୍ଥାପିତ ଅଥବା ସେହି ଆଦର୍ଶରେ ପ୍ରତିଷ୍ଠିତ ବିଦ୍ୟାଳୟରେ ପାଠ କଲେ ଛାତ୍ରମାନେ ଧର୍ମଛଡ଼ା ହୁଅନ୍ତି ଏ କଥା କେତେଲୋକ ଏ ଦେଶରେ ଇଂରାଜୀ ସ୍କୁଲ ଆରମ୍ଭ ସମୟରୁ କହିଆସୁଅଛନ୍ତି । ପ୍ରଥମାବସ୍ଥାରେ ଧାରଣା ଥିଲା ଯେ ପିଲାମାନେ ଇଂରାଜୀ ପଢ଼ିଲେ ସ୍ୱଧର୍ମ ଛାଡ଼ି ଖ୍ରୀଷ୍ଟିୟାନ ହୁଅନ୍ତି ଏବଂ ସେଥିପାଇଁ ସେମାନେ ନିଜ ପିଲାଙ୍କୁ ସ୍କୁଲରେ ଭରତିକରୁ ନ ଥିଲେ ଏବଂ କହୁଥିଲେ କି ସରକାର ସ୍କୁଲ ପିଟାଇ ଯେମନ୍ତ ଲୋକଙ୍କୁ କହୁଅଛନ୍ତି କି ତୁମ୍ଭେମାନେ ନିଜ କୁଳ (ଧର୍ମ) ଛାଡ଼ି ଇହକୁଳ ଅର୍ଥାତ୍ ଏହି କୁଳ (ଖ୍ରୀଷ୍ଟିୟାନକୁଳ) କୁ ଆସ ବର୍ତ୍ତମାନ୍ ସେ ଭାବ ନାହିଁ । ଶିକ୍ଷିତ ଲୋକଙ୍କର ନାନାପ୍ରକାର ବୈଷୟିକଉନ୍ନତି ଦେଖି ଇଂରାଜୀ ଶିକ୍ଷାପ୍ରତି ଲୋକଙ୍କର ଅନୁରାଗ କ୍ରମାଗତ ବୃଦ୍ଧି ହେଉଅଛି । ମାତ୍ର ଅଳ୍ପ କାଳ ଏହି କଥା ସେତେ ଅନେକ ଲୋକ ବ୍ୟସ୍ତ ଯେ ଇଂରାଜୀ ଶିକ୍ଷାଦ୍ୱାରା ଏ ଦେଶୀୟଙ୍କର ଧର୍ମଭାବ ଊଣା ଅଥବା ନାସ୍ତିକତା ବୃଦ୍ଧି ହେଉଅଛି । ଏହି ପ୍ରସଙ୍ଗରେ ଅଳ୍ପ ଦିନ ହେଲା ଏଠା ରେଭେନ୍ସା କଲେଜିଏଟ୍ ସ୍କୁଲର ପୁରସ୍କାର ବିତରଣ ସଭାରେ ଗୋଟିଏ ସୁନ୍ଦର ଯୁକ୍ତିସଙ୍ଗତ ବକ୍ତୃତା ଅମ୍ଭମାନଙ୍କର ବର୍ତ୍ତମାନ୍ କମିଶନର ଶ୍ରୀଯୁକ୍ତ ଗୁପ୍ତସାହେବ ପ୍ରଦାନ କରିଥିଲେ । ସେ ଯାହା କହିଥିଲେ ତହିଁର ସଂକ୍ଷେପ ମର୍ମ ଏହି କି ସ୍କୁଲ ଓ କଲେଜରେ ନାନାଦେଶର ବଡ଼ ବଡ଼ ବିଦ୍ୱାନ୍ ଓ ଚିନ୍ତାଶୀଳ ଲୋକଙ୍କର ସୁନୀତିପୂର୍ଣ୍ଣ ପୁସ୍ତକ ପଠିତ ହେଉଥିବା ସ୍ଥଳେ ଛାତ୍ରମାନଙ୍କର ଗତି ହୀନ ହେବା ସଙ୍ଗତ ନୁହେ । ସାମ୍ପ୍ରଦାୟିକ ଧର୍ମାନୁଷ୍ଠାନର କଥା ସ୍ୱତନ୍ତ୍ର । ମାତ୍ର ଯେ ସମସ୍ତ ସାଧାରଣ ଗୁଣଦ୍ୱାରା ମନୁଷ୍ୟ ପଶୁଠାରୁ ଶ୍ରେଷ୍ଠ ଏବଂ କୌଣସି ଧର୍ମାବଲମ୍ବୀର ନିଜସ୍ୱ ନୁହେ ଯଥା ପ୍ରେମ, ଦାନ, ଭଦ୍ରତା, ସତ୍ୟବାଦିତା, ସରଳତା ଇତ୍ୟାଦି ସେ ସବୁର ଅବଶ୍ୟ ଉତ୍ତମ ଶିକ୍ଷା ହେଉଅଛି । ଉଦାହରଣ ସ୍ୱରୂପ ସେ କହିଲେ କି ପୂର୍ବକାଳର ସରକାରୀ ଚାକର ଅମଲାଠାରୁ ଡେପୁଟି ଓ ମୁନସଫ ପର୍ଯ୍ୟନ୍ତ ଯେପରି ଘୁସ ନେବାର ଶୁଣାଅଛି ବର୍ତ୍ତମାନ୍ ସେପରି ନାହିଁ । ଏମନ୍ତ କି ବହୁ ନିନ୍ଦନୀୟ ଦାରୋଗା ମଧ୍ୟ ଚରିତ୍ର ସଂଶୋଧନ କରିବା ଦିଗକୁ ଢଳିଅଛି । ଏବଂ ଅଭିଅନ୍ତ ବେତନର ଡେପୁଟି ଶୁଦ୍ଧା ସତ୍ୟପଥରୁ ବିଚଳିତ ହେବାକୁ ହୁଧାକରେ । ଅଳକାଳର ସାଧାରଣ ହିତକାର୍ଯ୍ୟର ନେତାମାନେ ପଣ୍ଡିତ ବା ମଉଲବି ଦଳର ଲୋକ ନୁହନ୍ତି ମାତ୍ର ଶିକ୍ଷିତ ସମ୍ପ୍ରଦାୟର ଲୋକ ଅଟନ୍ତି । ଯାହା କିଛି ସାଧାରଣ ହିତ ଚେଷ୍ଟା ଆଧୁନିକ ଶିକ୍ଷିତ ଲୋକଙ୍କମଧ୍ୟରେ ଦେଖାଯାଏ । ବ୍ରାହ୍ମ ଧର୍ମର ମୂଳାଧାର ଶିକ୍ଷିତ ସମାଜ ଏବଂ ହିନ୍ଦୁମାନଙ୍କର ପୁନରୁତ୍ଥାନ ବୋଲି ଯାହା କଥିତ ହୁଅଇ ତାହା ମଧ୍ୟ ସେମାନଙ୍କଦ୍ୱାରା । ଏହା ବୋଲି ଆଧୁନିକ ଶିକ୍ଷା ଯେ ଦୋଷଶୂନ୍ୟ ତାହା ସେ କହି ନାହାନ୍ତି ଏବଂ ତହିଁର ପରତନ୍ତ୍ର ଅନ୍ୟ ସମୟରେ ଯଥା ପ୍ୟାରୀମୋହନ ଏକା ଡେମିରେ ଶାସକ ଏବଂ ମିଶନ ସ୍କୁଲରେ ଉକ୍ତ ବିଷୟରେ ଯେଉଁ ବକ୍ତୃତାମାନ ପ୍ରଦାନ କରିଅଛନ୍ତି ତହିଁରେ କେତେକ ବର୍ଣ୍ଣନା କରିଅଛନ୍ତି ।

ଧର୍ମ ଓ ନୀତିର ମୂଳ ବିଦ୍ୟା ଏଥିରେ ଦ୍ୱିରୁକ୍ତି ନାହିଁ । କଥାରେ କହନ୍ତି ବିଦ୍ୱାନର ଗୃହ ଅଛି । ପଢ଼ା ଶୁଣା ଲୋକ ଯେମନ୍ତ ଈଶ୍ୱରଙ୍କ ଚରିତ୍ର ଏବଂ ତାହାଙ୍କର ସୃଷ୍ଟି ବ୍ୟାପାର ଦେଖି ଆନନ୍ଦ ଉପଭୋଗ କରିବ ମୂର୍ଖପକ୍ଷରେ ତାହା ସମ୍ଭବ ନୁହେ । ଶିକ୍ଷା ପ୍ରସାଦରୁ ପୂର୍ବଠାରୁ ଲୋକଙ୍କର ଜ୍ଞାନ କ୍ରମାଗତ ବଢ଼ୁଅଛି ଏବଂ ନାନାଦ ଉନ୍ନତି ସାଧନ ହେଉଅଛି ଏହା କିଏ ଅସ୍ୱୀକାର କରିବ? ଶିକ୍ଷାର ଉନ୍ନତି ସଙ୍ଗେ ସଙ୍ଗେ ଧର୍ମଭାବ ଉନ୍ନତି ହେବାର କଥା । ସିଦ୍ଧାନ୍ତରେ ଭୁଲିଲେ କେଉଁ ବଣା ହେବ କି? ଦୁଃଖର ବିଷୟ ଯେ ଅନେକ ଗୁରୁ ବିଦ୍ୟାଳୟରେ ଯେମନ୍ତ ପରିଶ୍ରମ ଓ ଉତ୍ସାହ ସହିତ ବିଦ୍ୟା ଲାଭ କରନ୍ତି ସଂସାରରେ ପ୍ରବେଶ ହେଲାରୁ ନିଜ ନିଜର ଚରିତ୍ର ଓ ଦୈନିକ କାର୍ଯ୍ୟରେ ବିଦ୍ୟାଳୟର ଶିକ୍ଷା ପ୍ରୟୋଗ କରିବାକୁ ତେମନ୍ତ ଯତ୍ନ ଓ ପରିଶ୍ରମ କରନ୍ତି ନାହିଁ । ଏହି କାରଣରୁ ଗୁଳି କ ଛାଣି ବାଟର ଦୋଷ ଦେଇପର ସାଧାରଣ ଶିକ୍ଷାପ୍ରତି କେତେଲୋକ ଦୋଷାରୋପ କରିବାର ସୁଯୋଗ ପାଇଅଛନ୍ତି । ବ ୫୦ ବର୍ଷ ପୂର୍ବେ ଶିକ୍ଷାର ଏତେ ପ୍ରଚୁର ବାହୁଲ୍ୟ ନ ଥିଲା । ମାତ୍ର ଯେଉଁମାନେ ସେକାଳରେ ବିଦ୍ୱାନ ହୋଇ ବାହାରିଥିଲେ ସେମାନେ ସ୍ୱୟଂ ଅର୍ଜିତ ବିଦ୍ୟାକୁ ପରମ ଧନ ବୋଲି ଜ୍ଞାନ କରି ତହିଁର ସଦ୍‌ବ୍ୟବହାର କରିବାଦ୍ୱାରା ସଂସାରରେ ଯଶ ରଖିଯାଇଅଛନ୍ତି । ଏଣିକି ବିଦ୍ୱାନର ସଂଖ୍ୟା ବଢ଼ୁଅଛି ମାତ୍ର ବ୍ୟବହାର ଦୋଷରୁ ସେ ପରିମାଣ ଫଳ ଲାଭ ହେଉ ନାହିଁ । ଶ୍ରୀଯୁକ୍ତ ଗୁପ୍ତସାହେବ ପୂର୍ବକାଳର ଏବଂ ବର୍ତ୍ତମାନର ଦେଶୀୟ ସରକାରୀ ଅମଲଙ୍କର ଚରିତ୍ର ତୁଳନା କରି ଯାହା କହିଅଛନ୍ତି ତାହା ଏକପକ୍ଷରେ ଯଥାର୍ଥ ହେଲେହେଁ ଅନ୍ୟ ପକ୍ଷରେ ତହିଁର ଭିନ୍ନ କାରଣ ଅବାର ବୋଲାଯାଇପାରେ । ସେ ସମୟରେ ସେମାନେ ଯାହା ପଢ଼ା ଶୁଣା କରୁଥିଲେ ତହିଁରେ ସୁନୀତିଶିକ୍ଷାର ନିତାନ୍ତ ଅଭାବ ନ ଥିଲା । ତେତେବେଳେ ଏତେ ଆଇନ ଏବଂ କାର୍ଯ୍ୟପ୍ରଣାଳୀ ନିୟମ ପ୍ରବର୍ତ୍ତିତ ନ ଥିଲା ଏବଂ ପୂର୍ବ ପ୍ରଥାକୁ ଅନୁସରି ଉତ୍କୋଚ ନେବାଟା ବଡ଼ ଦୋଷ ବୋଲି ମନେ କରୁ ନ ଥିଲେ । ପରନ୍ତୁ ଯାହା ପାଉଥିଲେ ତହିଁର ସମୁଚିତ ଅଂଶ ଦେବ, ପିତୃ, ସମାଜ ଏବଂ ସାଧାରଣ ହିତ କାର୍ଯ୍ୟରେ ବ୍ୟୟ କରୁଥିଲେ । ବର୍ତ୍ତମାନ ଏତେ ଶିକ୍ଷା, ଏତେ ଆଇନ ଓ କାନୁନାବଳି ଏତେ ନ୍ୟାୟପର ବନ୍ଦୋବସ୍ତ ହେବା ପ୍ରତ୍ୟେକ ଯେ ଉତ୍କୋଚର ସ୍ରୋତ ଏକାବେଳେ ବନ୍ଦ ହୋଇ ନାହିଁ ଏବଂ ଧର୍ମ ଓ ସମାଜ ସମ୍ବନ୍ଧୀୟ କାର୍ଯ୍ୟରେ ଅଧିକ ଚେଷ୍ଟା ହୋଇ ନାହିଁ ଏହାଇ ଆଶ୍ଚର୍ଯ୍ୟ । କେହି କେହି କହନ୍ତି ଯେ ସରକାରୀ କର୍ମଚାରୀଙ୍କର ବେତନ ପୂର୍ବାପେକ୍ଷା ଅଧିକ ହେଲେହେଁ ନିତ୍ୟ ପ୍ରୟୋଜନୀୟ ଦ୍ରବ୍ୟାଦି ଦୁର୍ମୂଲ୍ୟ ହେଲୁ ସେମାନେ ଆତ୍ମମର୍ଯ୍ୟାଦା ରକ୍ଷା କରିବାକୁ ଅସମର୍ଥ ହୋଇ ଅଛନ୍ତି । ଏହା ଅଳ୍ପବେତନର କର୍ମଚାରୀଙ୍କ ସମ୍ବନ୍ଧରେ ଅଯୌକ୍ତିକ ନୁହେ ଏବଂ ସେହି ଶ୍ରେଣୀରେ ଉତ୍କୋଚର ମାତ୍ରା କିଛି ଅଧିକ ଦେଖାଯାଏ । ମାତ୍ର ଏମାନଙ୍କ ମଧ୍ୟରେ ଯେଉଁମାନେ ଶିକ୍ଷିତ ସେମାନେ ଯେବେ ମନେ କରିବେ କି ଭଦ୍ରଲୋକ ପକ୍ଷରେ ଅସଦୁପାୟରେ ସାଂସାରିକ ଅଭାବ ପୂର୍ଣ୍ଣ କରିବା ନୀତିର ଅତିକ୍ରମ ଏବଂ ତାହା ପ୍ରତାରଣା ଭିନ୍ନ ଅନ୍ୟ ନୁହେ ତେବେ ଏ ଦୋଷ ଅନେକ ପରିମାଣରେ ସଙ୍କୁ-

Digitized by srujanika@gmail.com

ଯିବ । ମୂଳ କଥା ଏହୁକ କେବଳ ଜ୍ଞାନ ଓ ନୀତି ଶିକ୍ଷା ଯଥେଷ୍ଟ ନୁହେ । ଅଜ୍ଞାନ ତହିଁର ସାଧନ ଏବଂ କର୍ତ୍ତବ୍ୟସାଧନରେ ସିଦ୍ଧି ଲାଭ ହୁଅଇ ଏବଂ ତହିଁ ଉ ଅଧିକ ଯତ୍ନ ଦେଖିବାକୁ ଅମ୍ଭେମାନେ କାମନା କରୁଁ ।

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ୍ ।

ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଏସ୍, ଏଲ, ମାଡକ ଅନ୍ୟ ଆଦେଶ ପର୍ଯ୍ୟନ୍ତ ବରଭଙ୍ଗର ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହେଲେ ।

ଛୁଟିରେ ଥିବା ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଏଚ ଲୁସନ ଅନ୍ୟ ଆଦେଶ ପର୍ଯ୍ୟନ୍ତ ମେଦନୀପୁରର ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହେଲେ ।

ବାଲେଶ୍ୱର ଜିଲ୍ଲା ସ୍କୁଲର ୨ୟ ଶିକ୍ଷକ ବାବୁ ହରପ୍ରସାଦ ଦାସ ୬ଷ୍ଠ ଶ୍ରେଣୀରେ ବାହାଲ ହେଲେ ।

ଓଡ଼ିଶା ବିଭାଗର ଅତିରିକ୍ତ କଲେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ ୧୯୦୧ ସାଲର ୨ୟ ଷାଣ୍ମାସିକ ବିଭାଗୀୟ ପରୀକ୍ଷା ଆଗାମୀ ନଭେମ୍ବରମାସ ତା ୧୪ ଦିନ ଗୁରୁବାର ଓ ତତ୍ପରବର୍ତ୍ତୀ ଦିନ କଟକରେ ବେଳ ସ ୧୧ ଘା ସମୟରେ ଆରମ୍ଭ ହୋଇ ଚାଲିବ ।

---

ଏ ସପ୍ତାହରେ ଏ ନଗରରେ ଜ୍ୱରର ସାମାନ୍ୟ ବୃଦ୍ଧି ହୋଇଥିଲା । ଅଶ୍ୱିନମାସରେ ଅଳ୍ପ ଜଳ ବୃଷ୍ଟି ହେବାର ପାଣିରେ ଲେଖାଥିଲା । ମାତ୍ର ପାଣିର ଅନ୍ୟାନ୍ୟ ମାସଠାରୁ ଭଲ ହୋଇଅଛି ।

ଓଡ଼ିଆଠାରୁ ଏ ନଗରରେ ଲୋକ ଆସିଛନ୍ତି । ଏ ସପ୍ତାହରେ କଟକ ବଜାର, ଚାଉଳବଜାର, ଓ ଲାଲବାଗରେ ... ଡିକଲେକଲେକ ମଧ୍ୟରେ ସମ୍ବାଦ ... ଯାଇଅଛନ୍ତି । ମାତ୍ର ତାହା ସ୍ୱାଭାବିକ ନୁହେ ।

... ରିଭିଲ ସିଭିଲ ସର୍ଜନ ମେଜର କଲଭର୍ଟ ସାହେବ ଏଠାରେ ପହଞ୍ଚି କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି । ଡାକ୍ତର ଜୋନସ ସାହେବ ଉଦକାର ଏ ନଗରରୁ ପ୍ରସ୍ଥାନ କଲେ ।

ଅସ୍ମାନଙ୍କର କଲେକ୍ଟର ସାହେବ କଲିକତାରୁ ଫେରି ଅଛନ୍ତି ଏବଂ ଶୁଣାଯାଏ ଅତି ବହିଷ୍କ ଛୁଟି ନେବେ ।

ଅସ୍ମାନଙ୍କର ଜଜସାହେବ ଅସନ୍ତା ମଙ୍ଗଳବାର ମେଦନୀପୁର ଯାତ୍ରା କରିବେ ଏବଂ ସେଠାରୁ କଲିକତା ହୁଇ ସୁଦି ମେଡକାଲରେ କଟକରେ ଏ ନଗରକୁ ଫେରି ଆସିବେ ବୋଲି ଶୁଣାଯାଏ ।

ଜାଜପୁର ସୁଲେମାନଙ୍କର ଷ୍ଟେଷ୍ଟା ଭାବ୍ୟ ଜଳର ଉକଳରେ ଯୋଗାଥିବା ଅପରାଧରେ ପୁଲିସହାରା ଗ୍ରେପ୍ତାର ହୋଇଥିଲ । କ୍ଷୁତ୍ତ ଡେପୁଟି ସାହେବଙ୍କ ତାଙ୍କ ଉପରେ ଟ ୧୦୧ ଟଙ୍କା ଜରିମାନା କରିଲ । ବଣ୍ଟା ବଡ କଠିନ ହେବାର ଜଣାଯାଏ ।

ଜମିଦାର ଦେଓୟାନ ଗିରୀଶ୍ୱର ବାବୁ ମଧୁସୂଦନ ମହାପାତ୍ର ଅପଣାର ପଦରୁ କାମରେ ଉଦ୍ଧିଷ୍ଟ ଗୁରୁ ପାଠ ଗେଡ଼ କରିବାର ଅନୁମୋଦ କହିଥିଲେ । ଅସ୍ମାନି ସେହି ଜାଠ ଲୋକମାନ ଦଳର ଭିତର ଦେବାରୁ ଶପଥ ପାଇ ଥିଲ ।

ଆଗରେ ଉକଳ ଦନ୍ତର ମୌଜାର ମଣ୍ଡଳ ଲଇନ ଜନବ୍ୟ ସ୍ନାନ ପ୍ରବଳ ଓ ଅକ୍ତର୍ଗାମୀ ଲଗିତ ସତ୍ତବତଃ ତାହାଙ୍କ ଥାନ ଦାଖଲ କରିଥିଲେ । ଯଥାର୍ଥ ପ୍ରମାଣ ହେବାରୁ ସବ ଡେପୁଟି ତାଙ୍କୁ ତାହାଙ୍କ ନାଇଟ୍ ଅଥବା ଉପରେ ଟ ୫୦୧ ଟଙ୍କା ଜରିମାନା ନ ଦେଲେ ମାସ ୨ ର ଲେଖାଏଁ କାରାବାସ ଦଣ୍ଡ ଦେଇ ଅଛନ୍ତି । ତଦ-ପୂର୍ବ ଥାନେଦାର ମାନେ ଏବେ ହେଉଅଛନ୍ତି ବଡ ଉଚିତ ହୋଇଅଛି ।

ଚୀନ ଠାରୁ ସମ୍ବାଦ ମିଳଇ ଯେ ସେଠାରେ ଅନେକ ଦଳ ବାହାରି ପଡ଼ିଅଛନ୍ତି ସେମାନେ ଗ୍ରାମ ଲୁଟ ନିର୍ଦ୍ଦୋଷ ଲୋକମାନଙ୍କୁ ପରସ୍ତ କରୁଅଛନ୍ତି । ଏ ଦସ୍ୟୁମାନେ ଚୀନର ଶିକ୍ଷିତ ସୈନିକ ଯୋଗ୍ୟ ଦଳ ଅଟନ୍ତି । ବିଦ୍ରୋହୀମାନଙ୍କ ମଧ୍ୟରୁ ନ ୨୦୦ ଜଣ ହତ ଏବଂ ଅନେକ ଧୃତ ହୋଇ ସେମାନଙ୍କର ମୁଣ୍ଡ କାଟି ଦେଇଅଛି ।

## ଯଜପୁର ସମ୍ବାଦ ।

ଏଠା ଇଂରେଜୀ ହାଇସ୍କୁଲ ସ୍କୁଲର ଉଚ୍ଚ ଶ୍ରେଣୀର ମାସ ତା ୭ ଦିନଠାରୁ ମାଟ୍ରିକ ସ୍କୁଲ ପରୀକ୍ଷାମାନ ଆରମ୍ଭ ହୋଇଅଛି ଯାହାରେ ନ ୭ ଜଣ ଭର୍ଣ୍ଣାକ୍ୟୁଲରେ ନ ୧୦ ଜଣ ଓ ଅପର ପ୍ରାଇମେରୀରେ ନ ୩୮ ଜଣ ଉପସ୍ଥିତ ହୋଇଅଛନ୍ତି ।

ଅତ୍ର ସ୍ଥାନର ଅନ୍ତର୍ଗତ ବାଣ୍ଡପୁରଉପର ମୌଜାରେ ବସନ୍ତ ରୋଗ ଆରମ୍ଭ ହୋଇଅଛି । ପ୍ରାୟ ନ ୨୦୦ ଜଣ ବାଳକ ବାଳିକା ଏହାର ରୋଗ ଚହିଁମଧ୍ୟରୁ ନ ୫୦ ଜଣ ମୃତ ହୋଇଥିବାର ସମ୍ବାଦ ମିଳୁଅଛି, ଶୀଘ୍ର ସେଠାକୁ ଏକଜଣ ଇଂରେଜୀ ଟୀକା ଦେବାର ଲୋକ ପଠାଇବା କାରଣ ଏ ବିଷୟରେ ମିଉନସିପାଲଟୀ ମନୋଯୋଗୀ ହେବା ଉଚିତ ।

ଏଠା ମହାଜନମାନେ ରେଲଯୋଗେ କଲିକତାକୁ ଯେଉଁ ସମସ୍ତ ମାଲ ଚଣ ଇତ୍ୟାଦି ପ୍ରେରଣ କରିଥାନ୍ତି ତାହାର ଅନେକ ହେତୁରୁ କେମିତି ମାଲମାନ କୋଷ୍ଟାର ହୋଇପାରେ ନାହିଁ । ଏସ୍ଥଳେ କୋଷ୍ଟାରମାଲ ତାହା ଅନେକ ସମୟରେ ଦକ୍ଷିଣରେ ପଡ଼ିଥାଏ । ଏନ୍ଦ୍ରରେ କଷ୍ଟ ଉଠାଇ ଥିବାରୁ କହିଠ ମାଲ ଅକ୍ତର ହୋଇଥାଏ ଉପରୋକ୍ତ କାରଣରୁ ଏଠାର ଅଧିକାଂଶ ମହାଜନ ରେଲ ଛାଡ଼ି କଲିକତାକୁ ନଦୀପଥ ନୌକାମାନରେ ମାଲ ପଠାଉଅଛନ୍ତି ମାତ୍ର ଭଲ ଶୁଣିଲେ ଏ ସୁବିଧା ରହିବ ନାହିଁ । ରେଲକର୍ତ୍ତୃପକ୍ଷର ମାଲଗାଡ଼ି ଏବଂ ମାଲଚାଲାଣ ସୁବନ୍ଦୋବସ୍ତ କରିବା ପାଇଁ ଦୃଷ୍ଟିପାତ କରିବେ କି ?

ତଥିପାଇଁ ଅମରାନ ହେବାରୁ ଅତିକାଳି ହୁଅ ମୋଟ ସ୍ଥଳ ପି ଲୋକେ ଯେ ୧୧ ର ହିସାବରେ ବିକ୍ରୟ ହେଉଅଛି ।

## ସୁଙ୍ଗି ସମ୍ବାଦ ।

ପୁରୀ ମିଉନସିପାଲିଟୀର ୭ ୫ ମ୍ବର ଓ୍ୱାର୍ଡର ମେମ୍ବର ବାବୁ କୃଷ୍ଣଚନ୍ଦ୍ର ବସୁ ହାକିମଙ୍କର ହେବକୁ ଉଦ ଅଣଚାଲି କହିଥିଲେ ତାଙ୍କୁ ଜଗବନ୍ଧୁ ପଟ୍ଟନାୟକ ମନୋନୀତ ହୋଇ ଅଛନ୍ତି ।

ଗତ ତା ୭ ଦିନ ସୋମବାରଠାରୁ ମାଟ୍ରିକର ଓ ତା ୮ ଦିନ ଠାରୁ ଭର୍ଣ୍ଣାକ୍ୟୁଲର ଓ ଅପର ପ୍ରାଇମେରୀ ପରୀକ୍ଷାମାନ ଜିଲ୍ଲା ସ୍କୁଲରେ ଆରମ୍ଭ ହୋଇଅଛି । ଏ କେନ୍ଦ୍ରରେ ମାଟ୍ରିକର ନ ୧୮ ଜଣ, ଭର୍ଣ୍ଣାକ୍ୟୁଲର ନ ୨୩ ଜଣ ଏବଂ ଅପର ପ୍ରାଇମେରୀ ପରୀକ୍ଷାର୍ଥୀ ନ ୩୨ ଜଣ ଉପସ୍ଥିତ ଥିଲେ ।

ଗତ ଶୁକ୍ରବାର ଓ ଶନିବାର ଦିନ ଜଳ ପ୍ରଚୁର ବୃଷ୍ଟି ହୋଇଥିବାରୁ ଫସଲ ପକ୍ଷେ ବିଶେଷ ଉପକାର ହୋଇଅଛି ।

ଶୁକ୍ରବାର ରାତ୍ର ସାଗର ଜଳରେ କଟୁଯାତ ହୋଇ ଫସା ଛୁଟିଲ ଜେଟୀର ଅଂଶ ଓ ସମୁଦ୍ରର ବେଳାର ଗଣ୍ଡ ପଡ଼ା ଲଗ୍ନ ହୋଇଅଛି । ଏହି ସମୟରେ ନୁଳିଆ ସାହିରେ ମଧ୍ୟ ଏହା ପଡ଼ ସବୁର ମଧ୍ୟରେ ଯୋଗ ଦେଇ ଲୋକେ ଚେତ୍ର କିଛି ଗଡ଼ ନଷ୍ଟ କରୁଥିଲେ ।

ଏକମତ ତର୍ଣ୍ଣା ରଜତ ଶୀତଳଛାୟା ଶ୍ରେଣ୍ଣୀ ତୁଳ ଅନେକ ଉପକ୍ରମ ହୋଇଅଛି ।

ଏକଜଣ ଫିରିଙ୍ଗି ସାହେବ ଏଠାକୁ ଆସି ଏକ ସପ୍ତାହ ସକାଶେ ନଦିମଠ ଘରଦେଖି ଜେଇ ବଡ ଦାନରେ ନୂଆ ଜେଲ କରୁଅଛନ୍ତି ପୁରସ୍କାର ସେଠାରେ ପରିବାର ସ୍ଥାନ ହୋଇଅଛି ବଳୁ ସହ ଏହି ପ୍ରଭୁ ଦେବଙ୍କ ଜଣଙ୍କର ବୃଦ୍ଧି !

ବନ୍ଧୁ ଦଳିରର ଲମ୍ବୋଦର ଯଥା ସମୟରେ ସଞ୍ଚାରି ହେଲ ଅଛି । ବଡ ସୁଖର ବିଷୟ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଜଗତ୍ ବିଖ୍ୟାତ ଉତ୍କଳଦୀପିକା
ସମ୍ପାଦକ ମହାଶୟ ମାନ୍ୟବରେଷୁ

ମହାଶୟ !

ତାଲଚେର ଗଡ଼ଜାତ ମଧ୍ୟରେ ବ୍ୟାଘ୍ର ଭାଲୁର ଉପଦ୍ରବ ବିଶେଷ ଲଗିଥିବାର ଏହା ପାଠକମାନଙ୍କୁ ବିଦିତ ଅଛି । ମାତ୍ର ଗତ ସେପ୍ଟେମ୍ବର ତା ୨୯ ଦିନଠାରୁ ତାଲଚେର ବାସିମାନେ ଉକ୍ତ ଭୟରୁ ରକ୍ଷା ପାଇଅଛନ୍ତି । କାରଣ ଉକ୍ତ ଦିବସ ଅସ୍ମାନଙ୍କର ମାନନୀୟ ରାଜା ମହୋଦୟ ମଫସଲ ଗସ୍ତରେ ବାହାରିମାନ ହୋଇଥାନ୍ତି, ଏମନ୍ତ ସମୟରେ ସମ୍ବାଦ ପହଞ୍ଚିଲା ଯେ ନୁଆଁ-ଗାଁ ଜଙ୍ଗଲରେ ବ୍ୟାଘ୍ର ଗୋଟିଏ ଗୋରୁ ମାରି ମଡ଼ ଜଗିଅଛି । ରାଜା ମହୋଦୟ ଏ ସମ୍ବାଦ ପାଇଲା ମାତ୍ରେ ଯାଇ ଉକ୍ତ ସ୍ଥାନରେ ମଞ୍ଚି ବାନ୍ଧି ଜଗି ବସିଲେ ସନ୍ଧ୍ୟାର ପ୍ରାୟ ପ୍ରଥମ ପ୍ରହରରେ ଏକ ଗୋଟା ମସ୍ତ ମହାବଳ ଓ ଗୋଟିଏ ମହାବଳ ବାଘୁଣୀ ଆସି ପହଞ୍ଚିଲେ । ରାଜା ମହୋଦୟ ଏକ ସମୟରେ ଦୁଇ ଟୋଟା ଫାୟର କଲେ । ବାଘୁଣୀ ସେହି ସ୍ଥାନରେ ପଞ୍ଚତ୍ୱ ପ୍ରାପ୍ତ ହେଲା ଓ ମହାବଳ ଘାଉଆ ହୋଇ କେତେକ ଦୂର ପଳାଇ ଯାଇ ତହିଁ ପର ଦିବସ ଜଙ୍ଗଲ ମଧ୍ୟରେ ମୃତ୍ୟୁଶଯ୍ୟାର ଅନୁଗାମୀ ହେଲା । ଦର୍ଶକ ଗଣଙ୍କର ଭୀମ ମୂର୍ତ୍ତି ମୃତ ଶରୀର ଦର୍ଶନରେ ହୃଦୟ ଚମକ-ପିତ ହୋଇ ଯାଉଥିଲା ବାଘୁଣୀଟି ଲମ୍ବରେ ହା ୮୪ ଥିଲା ରାଜା ମହୋଦୟ ଦୁଇବର୍ଷ ମଧ୍ୟରେ ଗୋ ୧୧ ଟି ବ୍ୟାଘ୍ର ମାରିବା ଦେଖି ରାଜ୍ୟ ଲୋକେ ଅତ୍ୟନ୍ତ ଆହ୍ଲାଦିତ ହୋଇଅଛନ୍ତି । ଇତି ।

ତାଲଚେର ଦୁର୍ଗ
ତା ୩।୧୦।୧୯୦୧ } ଶ୍ରୀ ଘନଶ୍ୟାମ ମିଶ୍ର

---

To

THE EDITOR OF UTKAL DIPIKA

Sir,

I desire to call the attention of your readers and also of our Uriya brethern to an article in the Navya Bharata written by a learned Bengali gentleman, called ' In Cuttack ' The writer passes under review, perhaps in a latent sarcastic vein, the change in our manners and customs which has been brought about by the last quarter of the past century, and from what he says it is easily inferred that the superficially westernised Bengali gentleman is the only ideal which the Oriya strives to realize. The whole tenour of his article seems to point to a covert under-current of sarcasm which runs through the apparent unruffled

Split by PDF Splitter

Digitized by srujanika@gmail.com

Split by PDF Splitter



calm of his language. For, even if it be true that the Oriya copies the Bengali (which, I shall point out, is not generally the fact) what useful purpose does it serve to publish in a Bengali paper an article assuring the readers thereof that they have become an ideal nation, at least, for one petty nation on the eastern coast of India? This must be galling to the national pride of the latter nation. The gentleman seems to be an advocate of union among Indians from the last lines of his article. But how consistent is it to widen the narrowing gulf of hatred and animosity—and the writer has, I am afraid, wittingly or unwittingly, laid himself open to this charge—between two of the factors which are to submerge into that composite whole? It would have been more fortunate for us if the writer had dived deep into the matter and found out the prime mover which had brought about all this change. All this change is due to the domineering influence of the irresistible tide of occidentalism which is constantly flowing in with unabated, nay, augmenting force and has shattered the hitherto unbreachable ramparts of a wholesome conservatism and is likely to cause its very site to be lost amid a levelling flood of unreasonable liberalism. Those among us who are specially liable to imitation take the white-skinned one as their model and dress themselves before the Parisian looking-glass, thinking apparently that the neck-tie and the chiffon, the laces and the braces &c. are to constitute the necessary baggage that is to equip the heavenly way-farer. But even the man of the most conservative principles is unable to stem this tide successfully and is sure to get a ducking. Those parts of the dress and manners of the sahib which are more conformable to our habits of life will never fail to be imitated. There are some parts of the European dress, e. g. the neck-tie, the hat &c. which being discarded and the other parts being imitated, we get the up-country man, the Madrasee, the Bengli, the oriya in fact the so-called modern Indian gentleman. Cropping the hair short, the wearing of the shirt are not the *differentia* of Bengali dress. The costume of the poor Oriyani even has not escaped the eagle eye of the observant writer and he has made a remark about her ornaments. In saying that the oriyani's ornaments weighed some 20 seers in former times he seems to have resorted to a questionable exaggeration. In what statistical records or Death Registers the writer has his authorities in asserting that the oriya wife has sent her husband very often to the land of the unknown by the pressure of her ornaments when clasping him in her lovely embrace I am unable to trace up, or what post mortem examiner has informed the writer I do not know. In his opinion if the oriya woman, in the course of our national development, throws aside her weighty and clumsy ornaments and adorns herself with a few fancy-looking ones, recommended by western arts, then she is imitating the Bengali Lady, as if the Bengalis only are the apostles of beauty and refinement. I wish to go no more to particulars. So we summarily despatch this matter of dress and manners.

Now we come to the most important part of his article. Towards the end he says "How favourable would it be for unification if the Oriya language be exiled for ever from the land of the Oriyas" Is the difference of language the only barrier in the way of unification? Do all the more important requisites of unity exist among us? The greatest stumbling block to unity is what Mills calls "an inveterate spirit of locality," and of which, I think, the writer's article is a manifestation. Unless this spirit is evaporated, unless the Bengali does regard the Oriya as a brother, but regards him as one of a despised race, there can be no unification between the two. The gentleman would have shown surer signs of saguinineness in this matter, if he had exhorted his countrymen to meet the Oriya in a brotherly embrace and to dissolve any hatred or animosity, however slight, that might exist. Canada and the United States could never have been United even though the language and manners and religion were all the same. Indeed language is one of the bonds of union, but it is one and not *the only one*. So where the population speaking the language is very large and the language is ancient and rich with a literature and has settled down to a long—standing literary form—all which conditions are present in the case of Oriya in a degree at least equal to that in the case of Bengali—then this must not be depended upon and other more potent way of unification must be searched for. The gentleman's wish has been anticipated in the attempt of some Bengalis in 1869 to supplant the Oriya language about which the grand statistician, the impartial historian, and hence an unquestionable authority, Mr W. W. Hunter, himself observes "In 1869 an attempt, *Fortunately unsuccessful*, by some of the Bengalis party to get their language practically substituted for Oriya in the schools gave rise to some bitterness."

Now, Mr Editor, I have laid my views about the learned gentleman's article. I should have finished here. But I wish to ask one thing of the writer. He has written that forty years ago Bengali was the current language in Orissa. Is it a fact? Or is there some other meaning attached to the sentence? Had it been current forty years ago and had it been universally used by the people in the daily transference of thoughts and ideas forty years, why, twice or thrice forty years would never have been able to push it out off its firm pedestals. Or was it the Court language? *Never it was.* Some people betray their ignorance of human nature in thinking that if another language is made the Court-language instead of the native one, the latter will be completly beaten out of the field of domestic conversation. But rather the opposite is the effect. When French was made the court language of England after the Norman conquest, it only quickened the progress of native dialectic development. And in our province Oriya being banished from the Court in Sambalpur, is being supported with a greater zeal and earnestness and more tending care than before, much to the credit of the inhabitants thereof. If the masses of two countries or provinces do not exchange their thoughts through the same linguistic medium, I do not see what benefit is derived from a formal identity of court-languages. With all the reverent feeling of a pupil I beg excuse of the gentleman, if I have been bold enough to approach him and beg to be read with Justice only.

I am yours,
*An Oriya youth.*

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ମୁନସି ମହମ୍ମଦ ମଜହର ମେହେଦିପୁର | | ଟ ୧ |
| ଶ୍ରୀ ବାବୁ ଚନ୍ଦ୍ରଧର ଦାସ ଡାକ୍ତର | କଟକ | ଟ ୩ |
| „ ମଣିବନ୍ଧନ ଓ ଜଳମଣିଦାସ | „ | ଟ ୧ |
| „ ଚୈତନ୍ୟଚରଣ ବଳବନ୍ତରାୟ ଘୋଷାପଡ଼ା ମାର୍ଶାଘାଇ | | ଟ ୩ |
| ✓ ମହମ୍ମଦ ଅଲି | କଟକ | ଟ ୬ |
| ଶ୍ରୀ ବାବୁ ରାମଚନ୍ଦ୍ର ତ୍ରିପାଠୀ । ଡ । ଷ୍ଟେସନ ବୋଇତଭେଣ | | ଟ ୧ |
| „ ଭୁବନେଶ୍ୱର ବସୁ | କଟକ | ଟ ୩ |
| ମୁନସି ସେଖ ମହମ୍ମଦୀନ | „ | ଟ ୩ |
| ଶ୍ରୀ ବାବୁ ସୁଦର୍ଶନ ନନ୍ଦ | „ | ଟ ୪ |
| „ ସେମ୍ ସାହୁ | „ | ଟ ୩ |
| „ ଜଗନ୍ନାଥ ପଣ୍ଡା ଉମ ଇଂଜିନିୟର | „ | ଟ ୧ |
| „ ଚୌଃ ବୃନ୍ଦାବନ ଦାସ | ଭଣ୍ଡାରପୁର | ଟ ୩ |
| „ ଦ୍ୱାରିକାନାଥ ଚକ୍ରବର୍ତ୍ତୀ | କଲିକତା | ଟ ୧।୰ |
| ମୁନସି ନିଶା ଅଲି | ଭଦ୍ରକ | ଟ ୩ |
| ଶ୍ରୀ ବାବୁ ଗୋପାଳକୃଷ୍ଣ ଦାସ | ଅନନ୍ତପୁର | ଟ ୩ |

---


# ବିଜ୍ଞାପନ ।

ଶୂଦ୍ରମୁନି ଶାରଳାଦାସଙ୍କ ବିରଚିତ ।

## ମହାଭାରତ ।

ଏହା ଓଡ଼ିଶାବାସିଙ୍କର ପରମାଦରଣୀୟ ଗ୍ରନ୍ଥ ଏ ବୃହତ୍ ଗ୍ରନ୍ଥ ଏକାବେଳକେ କ୍ରୟ କରିବା ଗ୍ରାହକମାନଙ୍କ ପକ୍ଷେ ସୁବିଧାଜନକ ନୁହେ ସୁତରାଂ ଖଣ୍ଡେ ଖଣ୍ଡେ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ପର୍ବରେ ପ୍ରଧାନ ଘଟଣାସ୍ଥଳମାନଙ୍କରେ


Digitized by srujanika@gmail.com

ଉତ୍ତମ ଚିତ୍ରମାନ ଦିଆ ହୋଇଅଛି । ଆଦିପର୍ବ ଟ ୨୰ ମଧ୍ୟପର୍ବ ଟ ୨୰ ସଭାପର୍ବ ଟ ୨୰ ବନପର୍ବ ଟ ୨। ବିରାଟପର୍ବ ଟ ୧। ଭୀଷ୍ମପର୍ବ ଟ ୧।ଉଦ୍ୟୋଗ ପର୍ବ ଟ ୧। ଦ୍ରୋଣପର୍ବ ଟ ୧୯ କର୍ଣ୍ଣପର୍ବ ଟ° ।⁄ ଶଲ୍ୟପର୍ବ ଟ ୦ ⁄ ଗଦାପର୍ବ ଟ ୦। ନାରୀଚିହ୍ନାପର୍ବ ଟ ୦।⁄ ନାଶୀ ଓ ଶାନ୍ତିପର୍ବ ଟ°⁄ ଆଶ୍ରମିକ ଓ ଅଶ୍ୱମେଧପର୍ବ ଟ ୦ ୰ ମୂଷଲୀପର୍ବ ଟ ୦।⁄ ସ୍ୱର୍ଗାରୋହଣପର୍ବ ଟ ୦ ।

ଉତ୍କଳଯନ୍ତ୍ରରେ ମୁଦ୍ରିତ ହୋଇ କଟକ ବରଯାବଜାରସ୍ଥ କଟକ ଟ୍ରେଡିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

---

# ବିଜ୍ଞାପନ ।

## ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ !!

ଏ, ସଟନ ଏଣ୍ଡ କୋଂର ଅଦ୍ଭୁତ ଔଷଧାବଳୀ ।

ଭାରତବାସୀ ରୋଗୀଙ୍କର ଆଉ ଭୟର କାରଣ ନାହିଁ ।

ଶାଲସା ପାରିଲ ଟନିକ—ଏହା ସର୍ବୋତ୍କୃଷ୍ଟ ରକ୍ତ ପରିଷ୍କାରକ, ବାତ ବେଦନାଦିକ ଓ ବଳକାରକ ଶାଲସା, ଉପଦଂଶ ( ଗରମୀ ବେରାମୀ ) ଓ ପାରଦ ବ୍ୟବହାର ଜନିତ ସର୍ବପ୍ରକାର ରୋଗ, କଣ୍ଡୂ, ଦାଉ, ଦେହ ହାତ ଓ ଗୋଡ଼ର ଚକାଚକା ଦାଗ ଏବଂ ସର୍ବପ୍ରକାର ଚର୍ମରୋଗର ଏହା ଏକମାତ୍ର ମହୌଷଧ । କ୍ଷୁଧାବୃଦ୍ଧି ଓ କୋଷ୍ଠ ପରିଷ୍କାର ଓ ଦୁର୍ବଳତା ଦୂର କରିବାକୁ ଏହା ଅଦ୍ୱିତୀୟ ଅଟେ । ରୋଗୀମାତ୍ର ଅଥବା, ବାଳକ ଓ ବୃଦ୍ଧ ସମସ୍ତଙ୍କର ସ୍ୱାସ୍ଥ୍ୟ ଉନ୍ନତି ନିମନ୍ତେ ନିଶ୍ଚିନ୍ତ ଖାଇବାର ଅବଶ୍ୟକ,

ମୂଲ୍ୟ ଟ ୧୰ ମାସୁଲ ଟ ୦ ୰

---

ଅଣ୍ଟି ସୁକୋର୍ବ୍ୟୁଟିକ ମିକଶ୍ଚର ।—ନୂତନ ଓ ପୁରାତନ ମେହ, ମୂତ୍ରନଳୀର ପ୍ରଦାହ ଓ ଛିଦ୍ର, ପ୍ରସ୍ରାବକାଳୀନ ଜ୍ୱାଳା ଓ କଷ୍ଟପାତ, ଅଣ୍ଡ ଧାତୁଜନିତ, ମୂତ୍ରକୃଚ୍ଛ୍ର, ଫୋଟାଫୋଟା କେଶଯୁକ୍ତ ପ୍ରସ୍ରାବ, ଅପରିମିତ ଶୁକ୍ରକ୍ଷୟ, ଦୌର୍ବଲ୍ୟ, ଚିରୋପାର୍ଜିତ ଏବଂ ସର୍ବାପେକ୍ଷା ଭୟାନକ ଔପସର୍ଗିକ ମେହର ଏହା ଏକମାତ୍ର ମହୌଷଧ । ଶରୀରର ଦଶଦୃଢ଼ତା ଓ ଉର୍ଦ୍ଧ୍ୱୋଷ କରିବାକୁ ଏହା ତୁଲ୍ୟ ଅନ୍ୟ ଔଷଧ ଅଦ୍ୟାବଧି ହୋଇ ନାହିଁ । ଅତି ଭୟାନକ ଜ୍ୱାଳା ଯନ୍ତ୍ରଣା ୨୪ ଘଣ୍ଟା ମଧ୍ୟରେ ଆରୋଗ୍ୟ ହୁଏ ଏବଂ ରୋଗୀ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୋଇ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ ।

ମୂଲ୍ୟ ଟ ୧୰ ମାସୁଲ ଟ ୦ ୰

---

ଗ୍ଲିସରିଫୋଲ ।—ଧାତୁ ଦୌର୍ବଲ୍ୟ, ଧାତୁ ତାରଲ୍ୟ, ସ୍ୱପ୍ନଦୋଷ, ଜଡ଼ତ୍ୱ ଶୈଥିଲ୍ୟ, ସ୍ନାୟବିକ ଦାହ, ସ୍ମୃତିଶକ୍ତିର ଅଭାବ ପ୍ରଭୃତି, ଚୋଖ ଝାପସା ହେବା ପ୍ରଭୃତି ପୀଡ଼ାର ନିଶ୍ଚିତ ମହୌଷଧ । ଏହାକୁ ସେବନ କଲେ ମନ ସ୍ଫୂର୍ତ୍ତିରେ ଓ ଶରୀର ବଳ ଶକ୍ତିରେ ପୌରୁଷ ହୋଇ ସ୍ୱାଭାବିକ ଶକ୍ତି ପ୍ରାପ୍ତ ହୁଏ । ଯଦ୍ୟପି ଏହା ସେବନଦ୍ୱାରା ଯଥାବିଧି ରୋଗ ଆରୋଗ୍ୟ ନ ହୁଏ ତାହା ହେଲେ ଦେଶୀ ସାହେବ ଆଉ ଅଧିକାର କରିବ ନାହିଁ ।

ମୂଲ୍ୟ ଟ ୧୰ ମାସୁଲ ଟ ୦ ।⁄

---

ଝିଂ ଓ୍ୟାରମ ଲୋଜଞ୍ଜ ।—ଏହାକୁ ବ୍ୟବହାର କଲେ ସର୍ବପ୍ରକାର ଦାଦୁ, ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ଆରୋଗ୍ୟ ହୁଏ । ଏହା ତୁଲ୍ୟ ଦାଦୁ ଔଷଧ ଜଗତରେ ଅନ୍ୟ ପ୍ରାପ୍ତ ହୁଏ ନାହିଁ । ଥରେ ବ୍ୟବହାର କଲେ ବୁଝି ପାରିବେ ।

ମୂଲ୍ୟ ଟ ୦ ୰ ଡାକମାସୁଲ ଟ ।⁄

ଠିକଣା—ଏ, ସଟନ୍ ଏଣ୍ଡ କୋଂ

ନ ୪୪ ମ୍ବର ଧର୍ମତଳା ଷ୍ଟ୍ରିଟ କଲିକତା

---

# ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ସଚ୍ଚା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରାୟଗଡ଼, ସରାଇକଲା, ସୋନପୁର, ପାଟଣା, ଢେଙ୍କାନାଳ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଆଠଗଡ଼, ଗାଙ୍ଗପୁର, ତାଳଚେର, ଖଡ଼ିଆପୁର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଯୋଡ଼ି, ଦୋପଟ୍ଟା, କିଂଖାପ, ବାପ୍ତା, ଅଙ୍ଗୀ, ଦୋପଟ୍ଟା, ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ରତ୍ନାଦି ଖଚିତ ଅଳଙ୍କାର ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରିବୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାପା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦୀ ବା ଇଂରାଜୀରେ ଲେଖିଲେ ଶୀଘ୍ର ପତ୍ରରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାରସଲରେ ମଧ୍ୟ ମାଲ ପଠାଯାଏ କେବଳ ମାଲ ପଠାଯିବା ଏବଂ ଫେରିତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲୁମାଲ ଭୋଲାନାଥ

ଭୁତ୍ତଗଲି ଫାଟକ ବନାରସ ସିଟି

---

# ହୁକୁମୀ ତେଲ ।

ଯେଉଁ ମାନେ ପଞ୍ଚଦଶବର୍ଷ କିମ୍ବା ତତୋଧିକକାଳ ଉପଦଂଶ ରୋଗାକ୍ରାନ୍ତ (ଗରମିବେମାରୀ) ହୋଇ କଷ୍ଟ ଭୋଗ କରୁଥିବେ, କିମ୍ବା କୌଣସି ପ୍ରକାର ବିଷାକ୍ତ ଖାଇଥିବାରୁ ଯେଉଁମାନଙ୍କର ଅଣ୍ଡ ଗଳି ଯାଉଥିବ ଅଥବା ଶରୀରରେ ବାତଫୁଟ ଆମ୍ବବାତ ପ୍ରଭୃତି ଯେ କୌଣସି ପ୍ରକାର ଘା ହୋଇଥିବ ସେମାନେ ଆମ୍ଭର ଏହି ହୁକୁମୀ ତେଲ ଦୁଇ ତିନ ମାତ୍ର ମାଲିସ କଲେ ନିଶ୍ଚୟ ଆରୋଗ୍ୟ ଲାଭ କରିବେ । ଏହି ତେଲ ବ୍ୟବହାରଦ୍ୱାରା ଯାଜପୁର, କଟକ ମଧୁପୁର ଓ ଜାଟଙ୍ଗୀଙ୍କ ପ୍ରଭୃତି ସ୍ଥାନମାନଙ୍କରୁ ଶତ ଶତ ଲୋକ ଆରୋଗ୍ୟଲାଭ କରି ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି । ଯଦି କେହି ଅଗ୍ରୀମ ମୂଲ୍ୟ ଦେଇ ତେଲ କ୍ରୟ କରିବାକୁ ଅବିଶ୍ୱାସ କରନ୍ତି ତାହା ହେଲେ କୋଣ ଭଦ୍ରଲୋକଙ୍କୁ ଜାମିନ ଦେଲେ ଅନାୟାସରେ ଔଷଧ ଦିଆଯିବ । ଆରୋଗ୍ୟଲାଭ କଲେ ପଶ୍ଚାତ୍ ମୂଲ୍ୟ ଗ୍ରହଣ କରାଯିବ । ଏହାର ମୂଲ୍ୟ ଟ ୩୰ ଡାକ ଖର୍ଚ୍ଚ ପ୍ରଭୃତି ଟ ୦ ୰ ଏହା ଛଡ଼ା ଆମ୍ଭ ଔଷଧାଳୟରେ ଚାବଶିପ୍ରକାର ରୋଗର ବହୁଗୁଣୀ ଔଷଧ, ନାନାପ୍ରକାର ତେଲ, ଘୃତ, ଭସ୍ମ, ବଟିକା, ଆସବ, ସାଲସା ପ୍ରଭୃତି ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ରୋଗର ଲକ୍ଷଣ ଇତ୍ୟାଦି ଜଣାଇଲେ ଉପଯୁକ୍ତ ବ୍ୟବସ୍ଥା ପତ୍ରସହ ଭେଲ୍ୟୁପେୟବଲ୍ ଡାକଯୋଗେ ଔଷଧ ପଠାଯିବ । ଉତ୍ତର ପାଇବାପାଇଁ ରିପ୍ଲାଇକାର୍ଡ କିମ୍ବା ଦୁଇପଇସାର ଡାକଟିକଟ ସହ ନିମ୍ନଲିଖିତ ଠିକଣାକୁ ପତ୍ର ପଠାଇବେ ।

| | |
|---|---|
| ଦାଶାବଲପୁର ଯାଜପୁର ପୋଃ ଅଃ କଟକ | ଶ୍ୟାମବନ୍ଧୁ ଦାସ କବିରାଜ |

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦ ⁄

ଅଧସ୍ତମ୍ଭକୁ ଟ ୨ ୧

ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚ ଟ୦ ୰ ଠାରୁ ନ୍ୟୁନ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ଏହିଠାରେ କଟକ ଉତ୍କଳପ୍ରେସରେ ଶ୍ରୀ ... କର୍ତ୍ତୃକ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# A Bargain—A Bargain.

With special order for the Pooja I have directly imported from Switzerland both

## KEY-WINDING & KEYLESS LEVER WATCHES

800/1000 Silver, strong as per illustration below :—



**Capped Whitefield Key-wind Lever Watches** 17''' size; Engine-turned sterling silver cases; ¾ plate, full jewelled, key-wind lever movements opening in front; capped and winding to the left; exactly like English Watches. Hand-setting from the back.

Guaranteed for 5 years; with Morocco leather case; Spare Spring and Glass.

Open-face **Rs. 30.** Hunting **Rs. 35.** Half-hunting **Rs. 40.**



We have also in stock a number of **Watches with 13 Jewels** of both 18''' and 16''' size, Guarantee 3 years. With Morocco leather case; Spare Spring and Glass.

| | |
|---|---|
| Hunting ... ... ... | **Rs. 18.** |
| Half-hunting ... ... ... | **Rs. 20.** |





**Superior Half-plate Movement,** with 15 Jewels in Silver and 13 Jewels in Nickel Watches, uncut real compensation balance; strong keyless action pin-setting; size 18''' only. With Morocco leather case, most strong and durable; guaranteed for 3 years; with extra Spring and Glass.

| | Silver case. | Nickel case. |
|---|---|---|
| Open-face ... ... ... | **Rs. 18.** | **Rs. 14.** |
| Hunting ... ... ... | **Rs. 20.** | **Rs. 16.** |
| Half-hunting ... ... ... | **Rs. 25.** | **Rs. 20.** |

*N.B.*—We draw your particular attention to these watches; they are absolutely the finest which can be produced; the quality of the movements is all that can be desired; and we guarantee them perfectly reliable and durable and very accurate timekeepers. Eight days' watches of Whitefield and Co. can be had from us at a lower price than charged by other firms.

We can supply a great variety of Gold, Silver and Nickel "West End" Watches at the same price in which they are sold in the Head Offices.

We can also supply all kinds of neutral spectacles for the youth.

S. A. AZIZ,
*Watch Importer, Cuttack.*

Digitized by srujanika@gmail.com

Split by PDF Splitter
336

Digitized by srujanika@gmail.com

Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

| ଭାଗ [illegible] | CUTTACK, SATURDAY THE 2ND NOVEMBER 1901. ୨ ୧୮ ନ କାର୍ତ୍ତିକ ସନ ୧୩୦୯ ସାଲ ଶନିବାର | ଅଗ୍ରୀମ ୫ ୬୧ |
|---|---|---|
| ସଂଖ୍ୟା [illegible] | | ପଶ୍ଚାଦେୟ ୫ ୬୧ |


NOTICE.

Wanted a graduate, strong in English and mathematics and having some experience of High School teaching, for the post of the Second Master of the Khurda High School on a salary of Rs. 40 per mensem. None need apply who will not bind himself down by an agreement that he will stick to the post for two years at the least. Applications with copies of testimonials must reach the undersigned on or before the 5th November, 1901.

Khurda, Dist. Puri, 18—10—1901. — J. E. F. PEREIRA, Secretary.

WANTED

A Head Master for the Biroja M. E. School, Jajpur. Salary Rs. 15 to Rs. 20 according to circumstances and qualifications. Preference will be given to an Entrance man having experience of at least 5 years in teaching. Selected candidate must stick to the post for 5 years.

Apply to the undersigned before the 9th proximo.

Biroja School, 9—10—1901. — Naba Kishore Das, Secretary.

NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
Agent Cuttack.

ବିଜ୍ଞାପନ ।

କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ କନ୍ଷ୍ଟାଇମେଣ୍ଟ, ହାଇଷ୍ଟାଇମେଣ୍ଟ, ଇଣ୍ଡିଆନ୍ସ୍କୁଲର, ମାଇନର ଏବଂ ଏଣ୍ଟ୍ରେନ୍ସ ସ୍କୁଲର ଯାବତୀୟ ଓଡ଼ିଆ ଇଂରାଜୀ, ବଙ୍ଗଳା ଓ ସଂସ୍କୃତ ପାଠ୍ୟ-ପୁସ୍ତକ ଉଚିତ ମୂଲ୍ୟରେ ବିକ୍ରୟ ହେଉଅଛି । ଏହା ଛଡ଼ା ନାନାପ୍ରକାର ଫୁଲସ୍କେପ, ଡେମି, ଜବ, ବାଦାମୀ ସାଦା ଚିଠିଲେଖା କାଗଜ ଓ ଲଫାଫା, ନାନାରଙ୍ଗର ଚୁଆ, କାଳି, ରବର, ପେନସିଲ, ଅର୍ଥାତ୍ ସ୍କୁଲ ଏବଂ ସରକାରୀ ଓ ବେସରକାରୀ ଅଫିସରେ ବ୍ୟବହାରୀୟ ସମସ୍ତ ସରଞ୍ଜାମମାନ ସୁଲଭମୂଲ୍ୟରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କ ନିକଟକୁ ରେଲରେ ଓ ଷ୍ଟିମାରରେ ଜିନିଷ ପଠାଯାଏ । ପୁସ୍ତକର ଓ ଅନ୍ୟ ଜିନିଷର ଲିଷ୍ଟ ପୃଥକ୍ ଛପା ହୋଇ ବିନା ମୂଲ୍ୟରେ ବଣ୍ଟାଯାଏ । ମୋଫସଲର ଗ୍ରାହକ-ମାନେ ଗୋଟିଏ ପୋଷ୍ଟକାର୍ଡ଼ ଲେଖି ପଠାଇଲେ ସେମାନଙ୍କ ନିକଟକୁ ଲିଷ୍ଟ ପଠାଯିବ । ଇତି

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

ବାଳକ ବାଳିକାମାନଙ୍କ ଉପଯୋଗୀ ନୂତନ ପୁସ୍ତକ ।

ଉତ୍କଳର କାହାଣୀ ।

ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ ବି, ଏ, ସଙ୍ଗୃହୀତ, [illegible] ପୃଷ୍ଠାରେ ସମାପ୍ତ—ମୂଲ୍ୟ [illegible] ଅଣା । କଟକ ବାଲୁବଜାର ଉତ୍କଳ ସାହିତ୍ୟ ଅଫିସରେ, କଟକର ପ୍ରଧାନ ପୁସ୍ତକ ଦୋକାନମାନଙ୍କରେ, ପୁରୀ ହରଚଣ୍ଡୀ ସାହି ସ୍କୁଲର ହେଡ଼ପଣ୍ଡିତ ଶ୍ରୀ କାଶୀନାଥ ମହାପାତ୍ରଙ୍କଠାରେ, ବାଲେଶ୍ୱର ଟ୍ରେନିଂ ସ୍କୁଲର ଶିକ୍ଷକ ଶ୍ରୀ ନାରାୟଣ ମିଶ୍ରଙ୍କ ଠାରେ ଏବଂ ସମ୍ବଲପୁର ନନ୍ଦପଣ୍ଡାରେ ଶ୍ରୀ ବୃନ୍ଦାବନ ମିଶ୍ରଙ୍କଠାରେ ମିଳିବ ।

ବିଜ୍ଞାପନ ।

ଯ୍ୱାଦୁର ଅବ୍ୟର୍ଥ ମହୌଷଧ

ମୂଲ୍ୟ ପ୍ରତିଡବା ଟଂ ।୵ ଛଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟଂ। ଚାରିଅଣାମାତ୍ର । ସର୍ବପ୍ରକାର ଦଦ୍ରୁରୋଗର ଏହାପରି ଉତ୍କୃଷ୍ଟ ପୁଣି ଜ୍ୱାଳା ଯନ୍ତ୍ରଣା ବର୍ଜ୍ଜିତ ଆଶୁ ଫଳ-ଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି ।

ଔଷଧ ଗ୍ରହଣାର୍ଥି ମାନଙ୍କୁ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ ଧାମ ଡାକଘର ଜିଲ୍ଲା ଏବଂ କାହାର କେତେ ଡବା ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାର ନାନା ବିଘ୍ନ ଉପସ୍ଥିତ ହୁଏ ଜ୍ଞାତବ୍ୟ ।

ଶ୍ରୀ ରାମତାରକ ସେନ
ଦେଶ ଉତ୍କଳ ପ୍ରେସ, ବାଲେଶ୍ୱର

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

କାର୍ତ୍ତିକ ଦୁର୍ଗା ପୂଜା ଛୁଟୀ ଶେଷ ହେଲା । ଆମ୍ଭେମାନେ ସ୍ୱକାର୍ଯ୍ୟରେ ପ୍ରବୃତ୍ତ ହେଲୁଁ । ଚିର ପ୍ରଥାନୁଯାୟୀ ଆମ୍ଭେମାନେ ଆମ୍ଭମାନଙ୍କର ଗ୍ରାହକ ଗ୍ରାହିକା, ପାଠକ ପାଠିକାମାନଙ୍କୁ ଯଥା ବିଧି ଅଭିବାଦନ କରୁଅଛୁଁ । ଆଶା କରୁଁ ସେମାନେ ଆମ୍ଭମାନଙ୍କ ପ୍ରତି ପୂର୍ବବତ୍ ସ୍ନେହ ଓ ଅନୁରାଗ ପ୍ରଦର୍ଶନ କରିବାରେ ତ୍ରୁଟି କରିବେ ନାହିଁ ।

———

ଦୁର୍ଗାପୂଜା ଅବକାଶ ସମୟରେ ଦଶହରା ଛୁଟିରେ ସାହେବମାନଙ୍କର ଖେଳ ହୋଇଥାଏ । ଏବର୍ଷ କ୍ରିକେଟ୍ ବାଇଷାଇକଲ ଦୌଡ଼ ପ୍ରଭୃତି କ୍ରୀଡ଼ା ହୋଇଥିଲା । ଏକଦଳ ସାହେବ ଓ ଅନ୍ୟଦଳ ଦେଶୀୟଙ୍କ ମଧ୍ୟରେ କ୍ରୀଡ଼ାଯୁଦ୍ଧ ହୋଇଥିଲା । ଦେଶିମାନେ ସବୁ କ୍ରୀଡ଼ାରେ ଜୟଲାଭ କରିଅଛନ୍ତି । ଆମ୍ଭମାନଙ୍କର ମାନନୀୟ କଟକ-ଜଜ ଶ୍ରୀଯୁକ୍ତ ଜେ, ଜି, ଗୁପ୍ତ ସାହେବ ମହୋଦୟଙ୍କର ଏକ ପୁତ୍ର ମଧ୍ୟ ବାଇଷାଇକ୍ଲ ଦୌଡ଼ରେ ବିଶେଷ ନିପୁଣତା ଦର୍ଶାଇଥିଲେ ଓ ପ୍ରତ୍ୟେକ ଥରରେ ଜୟଲାଭ କରିଥିଲେ ।

———

ସୁନ୍ଦରବନର କମିଶନର ୱେବସାହେବଙ୍କ ନାମରେ ଟ ୩୧,୦୦୦ ଙ୍କା ଅପ୍ରସାତ୍ କରିଥିବା ଅପରାଧରେ ମୋକଦ୍ଦମା ଅଗତ ହୋଇ ତାଙ୍କ ନାମରେ ୱାରେଣ୍ଟ ବାହାରିଅଛି । ମାତ୍ର କାର୍ଯ୍ୟ ସକାଶେ ଏ ଟଙ୍କା ଖଜଣାଖାନାରୁ ସାହେବ ବାହାର କରିନେଲେ । ମାତ୍ର ତ ହେଲା ନାହିଁ । ସୁତରାଂ ଟଙ୍କା ଅପ୍ରସାତ୍ କରି ଏବେ ଧରିବାରେ ପଡ଼ିଲେ । ସେ ଟଙ୍କା ଅପ୍ରସାତ୍ କରିଥିବାର ଗବର୍ଣ୍ଣମେଣ୍ଟରେ ସ୍ୱୀକାର କରିଅଛନ୍ତି । ମୋକଦ୍ଦମାର ବିଚାର ହେଲେ ସବିଶେଷ ପ୍ରକାଶିତ ହେବ ।

———

କଲିକତା ସହରରେ ଦୁର୍ଗାପୂଜାର ଦଶହରା ମଙ୍ଗଳବାର ଦିବସରେ ହୋଇଥିବାର ସମ୍ବାଦପତ୍ରିକାମାନଙ୍କରୁ ପ୍ରକାଶ ମାତ୍ର ଓଡ଼ିଶାର ସର୍ବତ୍ରରେ ଗୋଟିଏ ଦିବସ ଦଶହରା ହୋଇ ନାହିଁ । ସମ୍ବଲପୁର ଅଞ୍ଚଳରେ ବୁଧବାର ଦିବସ ଦଶହରା ହୋଇଥିବାର ସମ୍ବାଦ ମିଳିଲା । କଟକ ସହରରେ ମଙ୍ଗଳବାର ଦିବସ ଦଶହରା ହୋଇଥିଲା । ମୋଫସଲରେ ଏହି ସ୍ଥାନରେ ବୁଧବାର ଦଶହରା ହୋଇଅଛି । ଭିନ୍ନ ମତ ଅନୁସାରେ ଦଶହରା ପର୍ବ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଦିବସରେ ସମ୍ପନ୍ନ ହୋଇଥିଲା । ଏହା ପଞ୍ଜିକା ଭିନ୍ନତାର ଫଳ ।

———

ବର୍ଷା ପ୍ରାୟ ଅଦୃଶ୍ୟ, ଶୀତର ତେଜ ଜଣାପଡ଼ୁଅଛି । ମାତ୍ର ଦିନସମୟରେ ରୌଦ୍ରର ପ୍ରଖରତା ହେତୁ ଋତୁ ପରିବର୍ତ୍ତନ ସହିତରେ ରୋଗ ବୃଦ୍ଧି ଦେଖାଯାଉଅଛି । ଜ୍ୱର ସ୍ଥାନେ ସ୍ଥାନେ ହେଉଅଛି, ବସନ୍ତ ରୋଗର ପ୍ରାଦୁର୍ଭାବ ହୋଇଅଛି । କଟକ ସହରରେ ଏହି ରୋଗ ଭୟଙ୍କର ତେଜରେ ବାହାରି ଅନେକଗୁଡ଼ିକୁ ଅଳ୍ପ ସମୟମଧ୍ୟରେ ଯମ ସଦନକୁ ପ୍ରେରଣ କରିଅଛି । କେତେ କେତେ ବାଳ-ବାଳିକା ମଧ୍ୟରେ ଅଦୃଶ୍ୟ ହୋଇଯାଇଅଛନ୍ତି । କଟକରେ ଏହି ରୋଗ ଏପରି ଭୟାନକ ପରାକ୍ରମ ଧାରଣ କରି ଉପସ୍ଥିତ ହେବାର କାରଣ କିଛି ବୁଝାଯାଉ ନାହିଁ । ଅନେକ ସ୍ଥଳରେ ଭଦ୍ରଲୋକଙ୍କର ବାଳକବାଳିକା ଏହାର କବଳରେ ପତିତ ହୋଇ ଚିରବିଦାୟ ଗ୍ରହଣ କରିଅଛନ୍ତି । ରୋଗ ଏପର୍ଯ୍ୟନ୍ତ ଉପଶମ ହୋଇ ନାହିଁ । ମୋଫସଲରେ ମଧ୍ୟ ସ୍ଥାନେ ସ୍ଥାନେ ଏହି ରୋଗର ପ୍ରତାପ ବିଶେଷ ହୋଇଥିବାର ସମ୍ବାଦ ମିଳିଲା ।

———

ଅଫଗାନିସ୍ଥାନରେ ଅମୀରଙ୍କର ମୃତ୍ୟୁ ହେବାରୁ ତାଙ୍କର ପୁତ୍ର ସର ହବିବୁଲ୍ଲାଖାଁ ଜି, ସି, ଏମ, ଜି ଅମୀରଙ୍କ ଗାଦିରେ ଅଭିଷିକ୍ତ ହୋଇଥିବାର ପାଠକମାନଙ୍କୁ ଜଣାଅଛି । ବର୍ତ୍ତମାନ ଭାରତ ଗବର୍ଣ୍ଣମେଣ୍ଟଙ୍କ ଅନୁମତିକ୍ରମେ ବଡ଼ଲାଟ ମହୋଦୟ ତାଙ୍କୁ ଅମୀର ବୋଲି ସ୍ୱୀକାର କରି ପତ୍ର ଲେଖିଅଛନ୍ତି । ନୂତନ ଅମୀର ଶାସନ କାର୍ଯ୍ୟରେ ନୂତନ ନୁହନ୍ତି । ମୃତ ଅମୀର ବଞ୍ଚିଥିବା ସମୟରେ ଗତ ତେରେକ ବର୍ଷରୁ ସେ ଅଫଗାନିସ୍ଥାନର ଆସନ କାର୍ଯ୍ୟ ଚଳାଉଥିଲେ । କେବଳ କେତେକ ବିଷୟରେ ପିତାଙ୍କର ପରାମର୍ଶ ନେଉଥିଲେ । ସେ ଅମୀର ହେବାରୁ ରାଜ୍ୟରେ ବର୍ତ୍ତମାନ କୌଣସି ଅଶାନ୍ତି ଉପସ୍ଥିତ ହୋଇ ନାହିଁ । ନୂତନ ଅମୀର ଖଜଣା ଏବଂ ଟିକସ ଊଣା କରିବା ମର୍ମରେ ଘୋଷଣା ଦେଇଅଛନ୍ତି । ଏ ଶୁଭ ସମ୍ବାଦରେ ଅଫଗାନିସ୍ଥାନର ଲୋକେ ଅବଶ୍ୟ ସନ୍ତୁଷ୍ଟ ହେବେ । ସୁତରାଂ କୌଣସି ଉପଦ୍ରବ ଘଟିବାର ଆଶଙ୍କା ନାହିଁ ।

———

ସମସ୍ତ ବଙ୍ଗ ପ୍ରଦେଶର ଇନକମଟିକସର ଆୟ ସନ ୧୮୯୯।୧୯୦୦ ସାଲରେ ଟ ୫୬,୭୧,୦୩୧ ଏବଂ ସନ ୧୯୦୦।୧୯୦୧ ସାଲରେ ଟ ୫୬,୨୮,୭-୮୩୯ ଙ୍କା ହୋଇଥିଲା । ସୁତରାଂ ଗତବର୍ଷର ଆୟ ତହିଁ ପୂର୍ବବର୍ଷର ଆୟଠାରୁ ଶତକଡ଼ା ଏକଟଙ୍କାରୁ ଅଳ୍ପ ହୋଇଅଛି । ମାତ୍ର ଗତବର୍ଷର ବୃଦ୍ଧି ଶତକଡ଼ା ଟ ୬।୦ ଥିଲା । ଷ୍ଟାମ୍ପ ଏବଂ କପାର ବ୍ୟବସାୟ ଭଲ ନ ଚାଲିବା ଇତ୍ୟାଦି ଆୟ ଆଶାନୁରୂପ ନ ବଢ଼ିବାର ପ୍ରଧାନ କାରଣ ବୋଲି ସରକାରୀ ରିପୋର୍ଟରେ ଲେଖାଅଛି ଯାହା ହେଉ ସରକାରଙ୍କର କ୍ଷତି ପଡ଼ୁ ନାହିଁ ମାତ୍ର ନିମ୍ନଶ୍ରେଣୀର ଟିକସ-ଦାତାଙ୍କୁ ଯେ ଏ ଟିକସ ବାଧୁଅଛି ତହିଁରେ ସନ୍ଦେହ ନାହିଁ । ବର୍ତ୍ତମାନ ସମୟର ସାଂସାରିକ ବ୍ୟୟ ବୃଦ୍ଧି ଏବଂ ରୂପାର ଦର ଊଣା ପ୍ରତି ଦୃଷ୍ଟି କଲେ ବର୍ଷରେ ଯାହାର ଆୟ ୫।୭ ଶତଟଙ୍କା ତାହାର ଇନ୍‌କମ୍ ଟେକ୍ସ ଜବାବ ହେବା ଉଚିତ ଏପରିଲୋକଙ୍କୁ ଟିକସରୁ ଅବ୍ୟାହତି ଦେବା ଏକାନ୍ତ ଉଚିତ ।

———

ଏଥର ଦୁର୍ଗାପୂଜା ଅତି ସମାରୋହରେ ସର୍ବତ୍ରରେ ସମ୍ପନ୍ନ ହୋଇଥିବାର ଅନୁମିତ ହୁଏ । ମାଙ୍କ କୃପାରୁ ପର୍ବର ପୂର୍ବ କେତେକ ଦିବସରୁ ଶୀତ ଋତୁ ଉପସ୍ଥିତ ହୋଇ ବାୟୁ ସବୁ ସୁଗନ୍ଧ ହୋଇଥିଲା । ପଥିକମାନଙ୍କର କୌଣସି କଷ୍ଟ ହୋଇ ନାହିଁ ଓ ପର୍ବ ସମୟରେ ମଧ୍ୟ ଆମୋଦ ପ୍ରମୋଦରେ କୌଣସି ବ୍ୟାଘାତ ଘଟି ନାହିଁ । କେବଳ ନବମୀ ଦିବସ ଆକାଶ ମେଘାଚ୍ଛନ୍ନ ହେବାରୁ ବୃଷ୍ଟିର ଆଶଙ୍କା ଉପସ୍ଥିତ ହୋଇଥିଲା କିନ୍ତୁ ପ୍ରୋକ୍ତ ଆଶଙ୍କା ଶୀଘ୍ର ଦୂରୀଭୂତ ହୋଇ ସମସ୍ତଙ୍କ ମନରେ ଆନନ୍ଦ ଜାତ କରିଥିଲା । ଯାହା ହେଉ ପର୍ବ ଚାରି ଦିବସ ସମସ୍ତେ ସୁଖ ସ୍ୱଚ୍ଛନ୍ଦରେ କଟାଇଅଛନ୍ତି, ଦର୍ଶକ ଓ ପଥିକମାନେ କୌଣସି କଷ୍ଟ ଅନୁଭବ କରି ନାହାନ୍ତି । ଆମ୍ଭେମାନେ ଯେପରି ସୁଖରେ ମାଙ୍କ ସେବାରେ ଚାରି ଦିବସ ନିଯୁକ୍ତ ଥାଇ କାଳାତିପାତ କରିଅଛୁଁ, ମାଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ଆମ୍ଭେମାନେ ସେହିପରି ବର୍ଷାନ୍ତେ ପୁନର୍ବାର ତାଙ୍କ ପଦ ସେବାରେ ନିଯୁକ୍ତ ହେଉଁ ।

———

ସାତଲ—ଉଦୟଗଞ୍ଜ ନିବାସୀ ଶ୍ରୀଯୁକ୍ତ ରାମଚରଣ କର୍ମକାର ମେଦନୀବାନ୍ଧବ ପତ୍ରିକା ଯୋଗେ ଜଣାଇଅଛନ୍ତି ଯେ ସେ କାର୍ଯ୍ୟୋପଯୋଗୀ ଲଙ୍ଗଳ ପ୍ରସ୍ତୁତ କରିଅଛନ୍ତି । ଚଳିତ କାର୍ତ୍ତିକ ମାସଠାରୁ ଗୃହସ୍ଥମାନଙ୍କୁ ତାହା ଯୋଗାଇ ପାରିବେ । ପ୍ରତ୍ୟେକ ଲଙ୍ଗଳର ମୂଲ୍ୟ ଟ ୬୧୫ ଙ୍କା ଧାର୍ଯ୍ୟ ହୋଇଅଛି । ଯେଉଁମାନେ କିଣିବାକୁ ଇଚ୍ଛା କରିବେ ସେମାନେ ଅଗ୍ରିମ ଟ ୧୦୦ [illegible] ଙ୍କା ପଠାଇବେ । ଏହି ଟଙ୍କା ପ୍ରାପ୍ତ ହେଲାରୁ କେଉଁ ତାରିଖରେ ଲଙ୍ଗଳ ପଠା ଯାଇ ପାରିବ ତହିଁର ସମ୍ବାଦ କ୍ରେତାଙ୍କୁ ଦିଆଯିବ । ଏହି ଲଙ୍ଗଳର ବିଶେଷତ୍ୱ ଏହି କି ଏହା ଦ୍ୱାରା [illegible] ଚାଷ ସୁଲଭ ହେବ । ମାତ୍ର ଏତେ ଟଙ୍କା ଦେଇ ସାଧାରଣ ଗୃହୀ ତାହା କିଣି ପାରିବେ କି ? ଉଚିତ କୃଷିଜୀବୀଙ୍କର ଏହାଦ୍ୱାରା ଉପକାରର ସମ୍ଭାବନା ଆଶା କରି ଯାଉଅଛୁଁ କେତେ ଦୂର ହେବ କି ନାହିଁ ଏ ଲଙ୍ଗଳର କାର୍ଯ୍ୟ ନ ଦେଖିବା ପର୍ଯ୍ୟନ୍ତ

Digitized by srujanika@gmail.com

Split by PDF Splitter



ଠିକ ଜଣାଯିବ ନାହିଁ । ଭରସା କରୁଁ ବଡ଼ ୨ ସୁଧିମାନେ ଏହାର ପରୀକ୍ଷା କରିବେ ।

---

ଦୁର୍ଗୋତ୍ସବ ହିନ୍ଦୁମାନଙ୍କର ଗୋଟିଏ ଆନନ୍ଦଦାୟକ ପର୍ବ । ଏହି ପର୍ବ ସମୟରେ ପିତା ମାତା ଭ୍ରାତା, ଭଗିନୀ, ପୁତ୍ର, କନ୍ୟା, ସ୍ୱାମୀ, ଭାର୍ଯ୍ୟା, ଆତ୍ମୀୟ, ସ୍ୱଜନ, ବନ୍ଧୁ ବାନ୍ଧବ, ଶତ୍ରୁ ମିତ୍ର ଏକତ୍ରିତ ହୋଇ ଏକ ଅଭୂତପୂର୍ବ ସୁଖଭୋଗ କରନ୍ତି । ବର୍ଷ ମଧ୍ୟରେ ଜୀବିକା ଉପାୟରେ ଲୋକେ ଦେଶାନ୍ତରିତ ହୋଇ ଭିନ୍ନ ୨ ସ୍ଥାନରେ ବାସ କରୁଥାଆନ୍ତି କିନ୍ତୁ ଜଗଜ୍ଜନନୀ ଦଶମାତାଙ୍କ ଆଗମନ ସମୟ ଉପସ୍ଥିତ ହେଲାକ୍ଷଣି ସମସ୍ତେ ସ୍ୱ ୨ ଦେଶକୁ ଆଗମନାର୍ଥେ ଉତ୍ସୁକ ହୁଅନ୍ତି । ଘରକୁ ଆସିବେ ବୋଲି ଏକ ମହାନ୍ ଆନନ୍ଦ ଅନୁଭବ କରନ୍ତି । ପରସ୍ପର ମଧ୍ୟରେ ଯେଉଁ ବିବାଦ ବିସମ୍ବାଦ ଥାଏ, ତାହା ଏହି ସମୟରେ ବିଦୂରିତ ହୁଏ, ପରସ୍ପରର ସୌହାର୍ଦ୍ଦ୍ୟ ବୃଦ୍ଧି ହୁଏ । ଏହି ହିନ୍ଦୁପର୍ବ ବଡ଼ ସୁଖକର ଓ ହିତକର । ଆମ୍ଭେମାନେ ମା ଆନନ୍ଦମୟୀଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଅଛୁଁ ଯେ ଏହିପରି ମନ ଓ ଉତ୍ସାହ ହିନ୍ଦୁଙ୍କ ହୃଦୟରେ ସର୍ବଦା ଜାଗରୂକ ଥାଉ ଏବଂ ହିନ୍ଦୁ ସନ୍ତାନମାନେ ପ୍ରତିବର୍ଷ ମାଙ୍କ ସେବାରେ ନିଯୁକ୍ତ ଥାଆନ୍ତୁ ।

---

ମଧ୍ୟ ପ୍ରଦେଶର ମାନ୍ୟବର ଚିଫ କମିଶନର ସାହେବ ଗତ ସେପ୍ଟେମ୍ବର ମାସ ତା ୨୬ ରଖରେ ସମ୍ବଲପୁରକୁ ଆସି ତା ୩୦ ରଖରେ ପ୍ରସ୍ଥାନ କଲେ । ସେ ସହରର କେତେକ ଭଦ୍ରଲୋକ ଏବଂ ମୋଫସଲର କେତେ ଗ୍ରାମ୍ୟଲୋକଙ୍କୁ ପ୍ରଶ୍ନ କରିବାରେ ସେମାନେ ଉତ୍ତର ଦେଲେ ଯେ ଓଡ଼ିଆ ବଦଳରେ ହିନ୍ଦୀ ଭାଷା ସରକାରୀ କଚେରୀମାନଙ୍କରେ ଚଳିବାରୁ ସେମାନଙ୍କର ଅଶେଷ କଷ୍ଟ ଓ କ୍ଷତି ହେଉଅଛି । ଏହି ଉତ୍ତରରେ ମାନ୍ୟବର ମହୋଦୟଙ୍କର ମତ ମାନିବାର ଜଣାଯାଏ । କାରଣ ସେ ସମ୍ବଲପୁରରୁ ବିଦାୟ ହେବା କାଳରେ ଉପସ୍ଥିତ ଭଦ୍ରଲୋକଙ୍କୁ ପ୍ରସନ୍ନ ଚିତ୍ତରେ କହିଲେ କି ଓଡ଼ିଆଭାଷା ପୁନଃ ପ୍ରଚଳନ ସକାଶେ ସେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିବେ । ସମ୍ବଲପୁର ହିତୈଷିଣୀରୁ ଏହି ଶୁଭ ସମ୍ବାଦ ଅବଗତ ହୋଇ ଆମ୍ଭେମାନେ କେତେ ଆନନ୍ଦ ହୋଇଅଛୁଁ କହି ପାରୁନାହୁଁ । [illegible] । ମାନ୍ୟବର ଶ୍ରୀଯୁକ୍ତ ଫ୍ରେଜର ସାହେବ ବାହାଦୁର ସମ୍ବଲପୁର ବାସିଙ୍କର ଏହି ଭାଷା ଘଟିତ ଦୁଃଖ ଦୂର କରି ଏହା ସେ ଜିଲ୍ଲାରେ କାହିଁକି ସମସ୍ତ ଓଡ଼ିଆ ଜାତିର ଅଶେଷ କୃତଜ୍ଞତା ଭାଜନ ହେବେ ଏବଂ ତାହାଙ୍କର ଏହି କୀର୍ତ୍ତି ଯୁଗେ ୨ ଜାଗରୂକ ଥିବ ।

---

ସମ୍ବଲପୁରର ସମ୍ବାଦଦାତା କଲିକତାର ଷ୍ଟେଟ୍ସମାନ ନାମକ ସମ୍ବାଦପତ୍ରକୁ ଲେଖିଅଛନ୍ତି ଯେ ଗତମାସର ମଧ୍ୟଭାଗରେ ମଧ୍ୟପ୍ରଦେଶର ପ୍ରଧାନ କମିଶନର ଫ୍ରେଜର ସାହେବ ସିମଲାଠାରୁ ସମ୍ବଲପୁରକୁ ଆସି ହିନ୍ଦୀଭାଷା ବଦଳରେ ପୁନର୍ବାର ସେଠାରେ ଓଡ଼ିଆଭାଷା ଚଳାଇବା ସମ୍ବନ୍ଧରେ ସବିଶେଷ ତଦନ୍ତ କରୁଅଛନ୍ତି । ସେ ପାଞ୍ଚଦିନ କାଳ ସମ୍ବଲପୁରଠାରେ ଥାଇ ସହର ଏବଂ ମଫସଲରେ ତଦନ୍ତ କାର୍ଯ୍ୟ ଚଳାଇଥିଲେ । ସାହେବ ମହୋଦୟ ଯେଉଁଠାକୁ ଗଲେ ସେଠା ଲୋକେ ହିନ୍ଦୀବଦଳରେ ମାତୃଭାଷା ଓଡ଼ିଆ ଚଳିବାର ପ୍ରାର୍ଥନା କଲେ । ହିନ୍ଦୀଭାଷା ଚଳିବାରୁ ସ୍ଥ ଲୋକଙ୍କର ବିଶେଷ ଅସୁବିଧା ହେବାର ସାହେବ ମହୋଦୟ ହୃଦୟଙ୍ଗମ କରିଅଛନ୍ତି ଏବଂ ସେଠାରୁ ବିଦାୟ ହୋଇଯିବା ପୂର୍ବେ ସମ୍ବଲପୁରର ଲୋକମାନଙ୍କୁ ଡକାଇ ସମ୍ବଲପୁର କଚେରୀରେ ହିନ୍ଦୀବଦଳରେ ଓଡ଼ିଆ ଭାଷା ଚଳାଇ କାରଣ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଲେଖିବେ ବୋଲି ବୁଝାଇଦେଇଅଛନ୍ତି । ଏହା ପଢ଼ି ଆମ୍ଭେମାନେ ବିଶେଷ ଆନନ୍ଦିତ ହୋଇଅଛୁଁ ।

---

### ଏ କି ଉଚିତ ବ୍ୟବହାର ?

ବାବୁ ବଳରାମ ଦାସ ଡେପୁଟିଙ୍କ ମାମଲାର ଅନୁସନ୍ଧାନ ସମ୍ବନ୍ଧରେ ଗତ ସେପ୍ଟେମ୍ବର ମାସ ତା ୧୮ ରଖର ଉତ୍କଳଦୀପିକାରେ ଯାହା ଲେଖାଥିଲା ତହିଁର ପ୍ରତିବାଦରେ ଗତ ଅକ୍ଟୋବର ମାସ ତା ୯ ରଖର ଓଡ଼ିଆ ଓ ନବସମ୍ବାଦରେ ଖଣ୍ଡିଏ ଇଂରାଜୀ ଏବଂ ଖଣ୍ଡିଏ ଓଡ଼ିଆ ଏବଂ ତା ୧୬ ରଖର ସେହି ପତ୍ରିକାରେ ଆଉ ଖଣ୍ଡିଏ ପ୍ରେରିତପତ୍ର ପ୍ରକାଶିତ ହୋଇଅଛି । ଇଂରାଜୀ ପ୍ରେରିତପତ୍ରର ଲେଖକ ବଳରାମ ବାବୁଙ୍କର ଜଣେ ଆତ୍ମୀୟ ଏବଂ ତାହାଙ୍କ ପକ୍ଷରୁ ଏହି ମାମଲାର ଜଣେ ପ୍ରଧାନ ଚାଳକ ଅଟନ୍ତି । ଅନ୍ୟ ଦିଗରେ ସେ ଏ ପତ୍ରିକାର ସମ୍ପାଦକଙ୍କର ଜଣେ ବନ୍ଧୁ ଅଟନ୍ତି ବୋଲି ସମ୍ପାଦକ ଉପରୁ [illegible] ତାହାଙ୍କୁ ପତ୍ରଦ୍ୱାରା ଆପଣାର ମନ୍ତବ୍ୟ ଜଣାଇ ଭ୍ରମନିବାରଣାର୍ଥେ ସାକ୍ଷାତରେ କଥାବାର୍ତ୍ତା କରିବାକୁ ଲେଖିଥିଲେ । ତଦନୁସାରେ ସାକ୍ଷାତ ଓ କଥାବାର୍ତ୍ତା ହେଲା ଏବଂ ତହିଁର ଶେଷଫଳ ଏହି ହେଲା ଯେ ପତ୍ର ଲେଖକ ସେହି ପ୍ରେରିତ ପତ୍ର ଫେରସ ନେଲେ ଏବଂ ତହିଁ ବଦଳରେ ଆଉ ଖଣ୍ଡେ ପ୍ରେରିତପତ୍ର ପଠାଇବାକୁ କହିଗଲେ ମାତ୍ର ଆଉ କୌଣସି ପ୍ରେରିତପତ୍ର ଆମ୍ଭମାନଙ୍କ ନିକଟକୁ ନ ପଠାଇ ଫେରି ନେବା ପ୍ରେରିତପତ୍ର ଓ ତହିଁ ସଙ୍ଗେ ଏ ପତ୍ରିକାର ସମ୍ପାଦକଙ୍କର ସବୁ ପତ୍ରମାନ ପ୍ରକାଶ କରିବା ଅଥଚ ଆପଣାର ନାମ ଏବଂ କଥାବାର୍ତ୍ତାର ଶେଷ ଫଳ ଜନସାଧାରଣଙ୍କଠାରୁ ଗୋପନ କରିବା ଉଚିତ ହୋଇଅଛି କି ? ଯେବେ ସେ ଅନ୍ୟ ପ୍ରେରିତପତ୍ର ପଠାଇ ଥାନ୍ତେ ଓ ତାହା ପ୍ରକାଶ ହୋଇ ନ ଥାନ୍ତା ତେବେ ତାହାଙ୍କର ଗୁହାରି କରିବାର ଯଥାର୍ଥ କାରଣ ହୋଇଥାନ୍ତା । ସମ୍ଭବତଃ ଅନ୍ୟ ପ୍ରେରିତପତ୍ରରେ ଆପଣା ମଉକିଲର ତେତେ ହିତ ହେବାର ଆଶା ନ ହେବାରୁ ପଶ୍ଚାତ୍ ସେ ଆପଣାର ମତ ପରିବର୍ତ୍ତନ କଲେ । ସର୍ବପ୍ରକାର ନ୍ୟାଯ୍ୟ ଉପାୟରେ ମଉକିଲର ସ୍ୱାର୍ଥରକ୍ଷା କରିବା ଉକିଲର କର୍ତ୍ତବ୍ୟ । ପତ୍ରଲେଖକଙ୍କର ଏହି କର୍ତ୍ତବ୍ୟପରାୟଣତା ଅବଶ୍ୟ ଉତ୍ତମ ଅଟେ । ମାତ୍ର ତହିଁପାଇଁ ଆମ୍ଭମାନଙ୍କର ନିନ୍ଦା ପାଇବା ବେଳେ ଆମ୍ଭମାନଙ୍କ ସହିତ ଯେ ସବୁ କଥାବାର୍ତ୍ତା ହୋଇଥିଲା ତାହା ଗୋପନ କରି ପାଠକମାନଙ୍କୁ ଭ୍ରମରେ ପକାଇଅଛନ୍ତି ଏହା କି ଦୁଃଖର ବିଷୟ ଅଟେ । ଅନୁସନ୍ଧାନ ସମ୍ବନ୍ଧରେ ଏହି ପତ୍ରପ୍ରେରକ ଏବଂ ଅନ୍ୟ ଦୁଇ ପତ୍ରପ୍ରେରକ ଯେ ପ୍ରତିବାଦ କରିଅଛନ୍ତି ସେ ସମସ୍ତ ମତାମତ ଘଟିତ ଥିବାରୁ ସେଥିରେ ଆମ୍ଭମାନଙ୍କର କିଛି ବକ୍ତବ୍ୟ ଅନାବଶ୍ୟକ । ମତଭେଦ ସ୍ୱାଭାବିକ ମାତ୍ର ପାଠକମାନେ ଶ୍ରୀଯୁକ୍ତ ଜେଭର୍ସନ ସାହେବଙ୍କ କାର୍ଯ୍ୟ ସମ୍ବନ୍ଧରେ ଯାହା ଲେଖିଅଛନ୍ତି ତହିଁରେ ତାହାଙ୍କର ଗୌରବ ବଢ଼ାଇ ନାହାନ୍ତି ।

---

### ପୁରୀ ଦେଉଳରେ ଦୁର୍ଘଟଣା ।

ଏ ବର୍ଷ ତ୍ରୈଲୋକ୍ୟନାଥଙ୍କ କୃପାରୁ ପୂଜା ମହୋତ୍ସବ ନିର୍ବିଘ୍ନରେ ସମାଧା ହୋଇଅଛି । ଦୁର୍ଭିକ୍ଷାଦି [illegible] ଅଭାବେ ଆମୋଦ ପ୍ରମୋଦରେ କୌଣସି [illegible] ଘଟି ନ ଥିଲା । କିନ୍ତୁ ମହାଷ୍ଟମୀ ଦିନ କି ଦୁର୍ଯୋଗରେ ପ୍ରଭାତ ହୋଇଥିଲା ଯେ ସର୍ବଶ୍ରେଷ୍ଠ ଭୀଷଣ ମୃତ୍ୟୁ ଘଟଣା ପ୍ରତ୍ୟକ୍ଷ ହୋଇ ସମସ୍ତଙ୍କ ମୁଖରୁ ହା ହାକାର [illegible] ଉତ୍ଥିତ ହୋଇଥିଲା । ପ୍ରାୟ ଏକ [illegible] ଶ୍ରୀଜଗନ୍ନାଥଙ୍କର ଦର୍ଶନାକାଙ୍କ୍ଷୀ ଅନେକ [illegible] ଗୟା ଯାତ୍ରୀ ଓ ଚନ୍ଦନଗର, ସମ୍ବଲପୁର, ବୈଦ୍ୟନାଥ ଓ ବଙ୍ଗଳାର କେତେକ ଜିଲାର ଯାତ୍ରୀଗଣ ଏଠାରେ ଉପସ୍ଥିତ ହେଉଅଛନ୍ତି । ପ୍ରତ୍ୟହ ପ୍ରାତଃ ଓ ସାୟଂ କାଳରେ ଏବଂ ନିଶାର ଅର୍ଦ୍ଧ ଭାଗରେ ରେଳ ଯୋଗେ ସେହି ସମାଗତ ଯାତ୍ରୀଗଣର ଭକ୍ତି ଏବଂ ସ୍ନେହ କରୁଣରସପୂରିତ " ଜୟ ଜଗନ୍ନାଥ " ଏହି ଆନନ୍ଦଧ୍ୱନିରେ

Digitized by srujanika@gmail.com

Split by PDF Splitter



ନଗରଟି ସମୁଦ୍ରର ଗମ୍ଭୀର ଗର୍ଜନକୁ ତିରସ୍କୃତ କରୁଅଛି ମାତ୍ର ଏହି ଅନନ୍ତ ମହାଷ୍ଟମୀ ଦିନ ଶ୍ମଶାନରେ ପରିଣତ ହୋଇ ପଡ଼ିବାରୁ ଅଦ୍ୟାବଧି ସେଥିଲାଗି ଅନେକ ଚକିତ ଅଛନ୍ତି ।

ଏ ଦିନ ମନ୍ଦିରରେ ଶ୍ରୀଜୀଉଙ୍କ ସ୍ନାନର ଅଳତି ପରେ ସାଧାରଣ ଦର୍ଶନ ( ସାହାଣ ମେଲା ) ସମୟରେ ଯାତ୍ରୀମାନଙ୍କଦ୍ୱାରା ଏପରି ଭିଡ଼ ହେଲା ଯେ ପ୍ରଭୁଙ୍କ ରତ୍ନସିଂହାସନ ସନ୍ନିକଟ ପୋଖରିଆ ମଧ୍ୟରେ ଅନେକ ଲୋକ ପଡ଼ିଯାଇଥିଲେ ଏମାନଙ୍କ ମଧ୍ୟରେ ଶ୍ରୀଜୀଉଙ୍କ ସେବକ ସୂଆର ସାହି ନିବାସୀ ରଘୁନାଥ ମହାପାତ୍ର ଓ ଏକଜଣ ସ୍ତ୍ରୀମାସ୍ତ୍ରା ଅପଣା ଅପଣା ଯାତ୍ରୀମାନଙ୍କୁ ଦର୍ଶନ କରାଇବା ସମୟେ ଭୂମିଶାୟୀ ହେବାରୁ ସେ ଦୁହିଙ୍କ ଉପରେ ଅନେକ ଲୋକ ଗୋଡ଼ ମାଡ଼ି ଚାଲି ଯାଇଥିଲେ । ପରେ ଦେଖାଗଲା ଯେ ଉଭୟଙ୍କର ପ୍ରାଣବାୟୁ ନିଃଶେଷ ହୋଇଅଛି । ଆଉ ତିନି ଜଣ ଯାତ୍ରୀ ପଡ଼ିଯାଇ ବିଷମ ଆଘାତ ପ୍ରାପ୍ତ ହୋଇଥିବାରୁ ତତ୍କ୍ଷଣାତ୍ ହାସପିଟାଲକୁ ପ୍ରେରିତ ହୋଇଥିଲେ । ଏକ ଜଣ ଯାତ୍ରୀ ଯାଉଁ ଯାଉଁ ରାସ୍ତାରେ ମୃତ ହୋଇଥିବାର ଶୁଣାଯାଏ । ଅବଶିଷ୍ଟ ଦୁଇଜଣ ଆରୋଗ୍ୟ ଲାଭ କରୁଅଛନ୍ତି ।

ଅତଏବ ରେଲ ପ୍ରସାଦରୁ ଯେପରି ଯାତ୍ରୀ ଆସୁଅଛନ୍ତି ତାହା ଦେଖିଲେ ପ୍ରତ୍ୟହ ବୃଦ୍ଧିର ସଙ୍ଖ୍ୟା ପର ଜଣା ଯାଉଅଛି । ଭାରତବର୍ଷର ସକଳ ପ୍ରଦେଶୀୟ ଯାତ୍ରୀରେ ପୁରୀ ନଗରୀ ସର୍ବଦା ପରିପୂର୍ଣ୍ଣ । ଏରୂପ ଅବସ୍ଥାରେ ସାହାଣ ମେଲା ସମୟରେ ମନ୍ଦିର କର୍ମଚାରୀମାନଙ୍କର ବିଶେଷ ସାବଧାନତା ସହିତ ଯାତ୍ରୀ ଦର୍ଶନର ସୁବ୍ୟବସ୍ଥା କରିଦେବା ଉଚିତ । ପଣ୍ଡା ଓ ଦର୍ଶନାର୍ଥୀମାନଙ୍କର ମଧ୍ୟ ଭିତର ଦର୍ଶନ ବେଳେ ବିଶେଷ ସତର୍କତା ଆବଶ୍ୟକ ।

ସେହି ଦିନଠାରୁ ଦୁଇ ଏକ ଦିନ ସାହାଣ ମେଲା ଦର୍ଶନ ବନ୍ଦ ରହି ପରେ ପୁଲିସ ପ୍ରହରୀ ନିଯୁକ୍ତ ଥାଇ ଯାତ୍ରୀମାନଙ୍କର ସାହାଣ ମେଲା ଦର୍ଶନ ହେଲା । ଏକ ରାସ୍ତାରେ ପରିମିତ ଯାତ୍ରୀ ପ୍ରବେଶ କରାଇ ଅପରଦ୍ୱାରରେ ଛାଡ଼ ଦେବା ଦ୍ୱାରା ପୁଲିସ ଯେଉଁ ସୁବ୍ୟବସ୍ଥା କରୁଅଛନ୍ତି ତାହା ବହୁ ସମୟ ସାପେକ୍ଷ ହେଲେହେଁ ଦର୍ଶକଙ୍କର କୌଣସି ଅସୁବିଧା ହେଉ ନାହିଁ ।

ପ୍ରୋକ୍ତ ପ୍ରକାରର ଦୁର୍ଘଟଣା ବହୁକାଳ ହେବ ଘଟି ନ ଥିଲା । ସନ ୧୮୭୭ ମସିହା ଗୋବିନ୍ଦ ଦ୍ୱାଦଶୀ ଉପଲକ୍ଷରେ ପୁରୀରେ ଅନେକ ଯାତ୍ରୀ ହୋଇଥିଲେ । ସେହି ସମୟରେ ମନ୍ଦିରର ଭିତର ବାହାରେ ଅନେକ ଲୋକ ମଡ଼ାମଡ଼ିରେ ପ୍ରାଣ ହରାଇଥିଲେ । ସେହି ସମୟରୁ ଦେଉଳ କାର୍ଯ୍ୟର ସୁବିଧାଜନକ ବନ୍ଦୋବସ୍ତ ହୋଇଥିବାରୁ ଏପରି ଭୀଷଣ ଦୁର୍ଘଟଣା ଉପସ୍ଥିତ ହୋଇ ନ ଥିଲା । ଆମ୍ଭେମାନେ ଆଶା କରୁଁ ଏ ଶୋଚନୀୟ ବ୍ୟାପାରର କାରଣ ତଦାରଖ ହୋଇ ଭବିଷ୍ୟତ ଦୁର୍ଘଟଣା ନିବାରଣନିମନ୍ତେ ବିଶେଷ ନିୟମ ନିରୂପିତ ହେବ ।

---

## କଟକରେ ଦୁର୍ଗାପୂଜା ।

ଦୁର୍ଗା ପୂଜା ଶୁଭ ଦିବସର ପାଗ ଉତ୍ତମ ଥିବାରୁ ଦର୍ଶକମାନଙ୍କ ପକ୍ଷରେ ବଡ଼ ସୁବିଧାଜନକ ହୋଇଥିଲା । ପୂଜା ଶୁଭ ଦିବସ ଅନେକ ଯାତ୍ରିକ ସମାଗମ ହୋଇଥିଲା । ନଦୀ ଜଳ ମଧ୍ୟ କମି ଯାଇଅଛି ଓ ସ୍ଥାନେ ସ୍ଥାନେ ପଶି ଯିବା ଭଳି ପାଣି ଅଛି । ସୁତରାଂ ଦର୍ଶକମାନଙ୍କ ପକ୍ଷରେ ସବୁ ସୁବିଧାର ସଂଯୋଗ ହୋଇଥିଲା । ଅଗଣ୍ୟ ଲୋକ କଟକର ସନ୍ନିକଟସ୍ଥ ଗ୍ରାମମାନଙ୍କରୁ ଆସି ଉପସ୍ଥିତ ହୋଇଥିଲେ ଓ ଦଶହରା ରାତି ପାହାନ୍ତା ସମୟରେ ଦେବୀଙ୍କ ଦର୍ଶନ ନିମନ୍ତେ ନଦୀ କୂଳରେ ଜାଗା ନ ଥିଲା ଦେବୀ ମେଢ଼ ସବୁ ଲୋକଙ୍କ ମଧ୍ୟରେ ଲୁଚିଯିବା ପରି ବୋଧ ହେଉଥିଲା । ନଦୀକୂଳର ଦୃଶ୍ୟ ଅତୀବ ସୁନ୍ଦର ଥିଲା । ଅତି ଆନନ୍ଦରେ ସମସ୍ତେ ପୂଜାପର୍ବ ସମ୍ପନ୍ନ କରୁଅଛନ୍ତି ।

କଟକରେ ପୂଜା କାର୍ଯ୍ୟ ଯେପରି ବର୍ଷକୁ ବର୍ଷ ହୋଇଥାଏ ସେହିପରି ହୋଇଥିଲା । କୌଣସି ବ୍ୟତିକ୍ରମ ଘଟି ନାହିଁ । ମୋଫସଲର ଆମୋଦ ପ୍ରମୋଦ ଏଠାରେ ଦେଖା ଯାଏ ନାହିଁ ଯାତ୍ରୀମାନେ କେବଳ ଦେବୀଙ୍କ ଦର୍ଶନାର୍ଥେ ଆଗମନ କରିଥାଆନ୍ତି ଓ ସେହିତା ଦର୍ଶନ କରି ଆନନ୍ଦ ସାଗରରେ ମଗ୍ନ ହୁଅନ୍ତି । କଟକରେ ଦର୍ଶକଙ୍କ ଚିତ୍ତାକର୍ଷକ ଦୁଇଗୋଟି ପଦାର୍ଥ ଏକ ଦେବୀ ଓ ବାଜେ ପ୍ରତିମାର ଗଠନ ଏବଂ ଦ୍ୱିତୀୟ ସାଜସଜ୍ଜା । ପ୍ରତିମାଗଠନ ସାଧାରଣତଃ ମୋଫସଲ ଅପେକ୍ଷା ଉତ୍ତମ ଓ ଚିତ୍ତାକର୍ଷକ ଓ ସାଜସଜ୍ଜା ତଦପେକ୍ଷା ଉତ୍କୃଷ୍ଟତର । ଏବର୍ଷ ଦେବୀ ୪୦ ଗୋଟି ହୋଇଥିଲେ । ଗତବର୍ଷ ପେକ୍ଷା ଗୋଟିଏ କମ୍ ହୋଇଅଛି । ସତ୍ତମ ପାଟଣା ମଣ୍ଡଳଙ୍କ ଦେବୀ ହୋଇ ପାରି ନାହିଁ । ଦେବୀ ପ୍ରତିମାର ସଂଗଠନ ପ୍ରଣାଳୀ ପୂର୍ବବତ୍ ହୋଇଥିଲା । ବିନୋଦ ବିହାରୀଙ୍କ ପ୍ରଧାନ କାରିଗରଦ୍ୱାରା ପ୍ରତିମା ସଂଗଠନ ହୋଇ ନ ଥିଲେ ସୁଦ୍ଧା ଗଠନ କିମ୍ବା ମନ୍ଦ ହୋଇ ନ ଥିଲା ଓ ଜଣା ଯାଉଥିଲା ଯେ ନୂତନ କାରିଗର ମଧ୍ୟ ବିନୋଦ ବିହାରୀଙ୍କ ଟେକ ରକ୍ଷା କରି ପାରିବ, ସାଜସଜ୍ଜା ପ୍ରାୟ ଅଧିକାଂଶ ଦେବୀଙ୍କର ଉତ୍ତମ ହୋଇଥିଲା । ଚୌଧୁରୀ ବଜାର, ଶ୍ୟାମନଗୌଡ଼, ବିନୋଦବିହାରୀ ଓ ବଙ୍ଗାଳୀସାହି ମାନଙ୍କ ମେଢ଼ ସବୁ ଅତି ଉତ୍କୃଷ୍ଟ ଥିଲା, ସାଜସଜ୍ଜାରେ ପ୍ରାୟ କେହି ତାହାକୁ ଊଣା ନ ଥିଲା ଗତ ବର୍ଷାପେକ୍ଷା ଅଧିକ ଉତ୍କୃଷ୍ଟତର ଓ ମୂଲ୍ୟବାନ୍ ସାଜ ବ୍ୟବହୃତ ହୋଇଥିଲା । ଚୌଧୁରୀ ବଜାର ମେଢ଼ର କାର୍ଯ୍ୟ ସର୍ବୋତ୍କୃଷ୍ଟ ଥିବାର ପ୍ରକାଶ ପାଉଥିଲା । ସାଜସଜ୍ଜା କାର୍ଯ୍ୟ ଉତ୍ତରୋତ୍ତର ବୃଦ୍ଧି ହେଉଅଛି ସତ୍ୟ କିନ୍ତୁ ଟିକିଏ ଅଧିକ ହୋଇ ଯିବାରୁ ଶୋଭତା ହେଲାପରି ଜଣା ଯାଉଥିଲା । କାଳିବଜାର ମେଢ଼ର ସାଜ ବଙ୍ଗାଳି ହେଲେହେଁ ସୁନ୍ଦର ହୋଇଥିଲା । ବାଜେ ମେଢ଼ ଏଥର ଅନେକ କମ୍ ଥିଲା । ମହାଦେବ ମେଢ଼ରେ ଦୁର୍ଗା ମେଢ଼ ପରି ହୋଇଥିଲା । ମାଣିକଘୋଷ ବଜାରରେ ଏକଟସ୍ୱମାସ୍ତ୍ରା; ଗଣିହାଟରେ ବାସ୍ତା ପାଞ୍ଚୁଲ, ମଙ୍ଗଳାବାଗ ଓ ବକ୍ସି ବଜାରରେ ଭଗବାନ୍ ମହାଦେବ ମେଢ଼ ଥିଲା । ମେଢ଼ସବୁର ସାଜ କାର୍ଯ୍ୟ ଅତି ସରସ ହୋଇଥିଲା । ଏକଟସ୍ୱମାସ୍ତ୍ରୀଙ୍କ ମେଢ଼ର କାର୍ଯ୍ୟ ତାଙ୍କର ଗଣେଶଙ୍କ କାର୍ଯ୍ୟ ଥିଲା ସୁତରାଂ ଏହାଙ୍କ ସାଜ କାର୍ଯ୍ୟର ପ୍ରଶଂସା ପୂର୍ବରେ ହୋଇଥିଲା, ଅନ୍ୟ ମେଢ଼ ମଧ୍ୟରେ ବାସ୍ତା ପାଞ୍ଚୁଲଙ୍କ ସାଜ ସର୍ବାପେକ୍ଷା ଅତି ଉତ୍କୃଷ୍ଟତର ଥିଲା । ଅନ୍ୟ ବାଜେମେଢ଼ ଦୁଇ ଗୋଟି ଥିଲା, ତନ୍ମଧ୍ୟରେ ସଦାଶିବଙ୍କ ଗାଡ଼ି ବଧ ମେଢ଼ ଚିତ୍ତାକର୍ଷକ ଥିଲା । ମେଢ଼ ସବୁର ସାଜସଜ୍ଜା ମିଳନରେ ଉତ୍ତମ ଜଣାଯାଏ ଓ ଦର୍ଶକମାନେ ଭଲ ମନ୍ଦ ବିଚାର କରିପାରନ୍ତି । ମେଢ଼ ସବୁ ନଦୀ କୂଳରେ ଉପସ୍ଥିତ ହେଲା ବେଳକୁ ସକାଳ ହୋଇ ଯାଇଥାଏ ସୁତରାଂ ମିଳନ ହୋଇ ପାରେ ନାହିଁ ଏବର୍ଷ ମଧ୍ୟ ତଦ୍ରୂପ ହୋଇଥିଲା । କେବଳ ବଜାର ଛକ ସବୁରେ ଦୁଇ ଗୁଡ଼ି ମେଢ଼ର ମିଳନ ହୁଏ ଓ ଏହା ଦେଖିବାକୁ ବଡ଼ ଆନନ୍ଦ ଦାୟକ ହୁଏ । ଏବର୍ଷ ଏହିପରି ଭାବରେ ମିଳନ ହୋଇଥିଲା । ଗତ କେତେକ ବର୍ଷ ହେଲା କେତେକ ଦେବୀ ମେଢ଼ ସବୁ ସକାଳ ବେଳେ ଚୌଧୁରୀ ବଜାରରେ ମିଳନ ହେଉଅଛି କିନ୍ତୁ ରାତ୍ରି କାଳରେ ବାଜାରରେ ଯେପରି ମିଳନସୁଖ ହୋଇଥାଏ ତାହା ଦିବା ମିଳନରେ ଅନୁଭୂତ ହେଉ ନାହିଁ ।

---

# ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

ବାଲେଶ୍ୱରର ହୁଲପୂଙ୍କ ମୁନସଫ ବାବୁ ବାମନଦାସ ମୁନ୍ସିଫି ୪ର୍ଥ ଗ୍ରେଡ଼ର ମୁନସଫ ପଦରେ ନିଯୁକ୍ତ ହେଲେ ।

Digitized by srujanika@gmail.com